# ଗର୍ବିତ ଓଡ଼ିଆ

ODIA WEEKLY ● GARVIT ODIA

ଆସନ ଆରକ୍ଷଣ

ସିଆଣିଆ ରାଇଜରେ ବୋକା ରଜା

ରାଘବ ଚଢ଼ା ୦୦୭

ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଦୁଃଖ

ଦେବୀଙ୍କ ଭାଗ, ତୁଷାରଙ୍କ ରାଗ

ମୁକ୍ତିଙ୍କ ଉପରେ କାହିଁକି ରାଗିଥିଲେ ନବୀନ?

ଭଲ ଲାଗିଲେ ଟଙ୍କାଟିଏ ଦିଅନ୍ତୁ

PRGI Registration No. ORORI/25/A3457 | garvitodia@gmail.com | https://epaper.garvitodia.in

VOL-1 ISSUE-23 27 APRIL - 03 MAY 2026 KHORDHA Price-Rs 10/-

ଭାଗ-୧ ସଂଖ୍ୟା-୨୩ ୨୭ ଏପ୍ରିଲ୍ - ୦୩ ମେ ୨୦୨୬ ଖୋର୍ଦ୍ଧା ମୂଲ୍ୟ-୧୦ ଟଙ୍କା ମାତ୍ର





# ସିଆଣିଆ ରାଇଜରେ ବୋକା ରଜା

ଆଜିକାଲି ସରକାର ହୁଅନ୍ତୁ କି ନେତା, ସେମାନେ ନିଜକୁ ସିଆଣିଆ ଭାବୁଥିବାବେଳେ ଜନତାଙ୍କୁ ବୋକା ବୋଲି ମନେ କରୁଛନ୍ତି । ତା' ନହୋଇଥିଲେ ଶାସକ ଓ ବିରୋଧୀ ରାଜନୀତିକ ଫାଇଦା ପାଇଁ ବିଭ୍ରାନ୍ତି କରନ୍ତେ ନାହିଁ । କିନ୍ତୁ ଇଣ୍ଟରନେଟ୍ ଯୁଗରେ 'ଗୁଗୁଲ୍' ନାମକ ଜନ୍ତୁଟି ରାଜନୈତିକ ଦଳ ଓ ନେତାଙ୍କର ଅସଲ ମୁଖା ପଦାରେ ପକାଇ ଦେଉଛି । ବେଶୀ ବାଟ ଯିବା ନାହିଁ । ମହିଳା ସଂରକ୍ଷଣ ବିଲକୁ ନେଇ ଚାଲିଥିବା ବାଦୀପାଲା ଏହାର ଏକ ଜ୍ୱଳନ୍ତ ଉଦାହରଣ । ମହିଳାଙ୍କୁ ସଂରକ୍ଷଣ ଦେଇ ସଶକ୍ତ କରିବା ଅପେକ୍ଷା କିଏ ଏଥିରୁ ବେଶୀ ରାଜନୀତିକ ଫାଇଦା ନେଇପାରିବ, କାହାର ଭୋଟ୍ ବ୍ୟାଙ୍କ ବଢ଼ିପାରିବ ସେଦିଗରେ ବେଶୀ ଉଦ୍ୟମ କରାଯାଉଛି । ୩୩% ମହିଳା ସଂରକ୍ଷଣକୁ ସବୁ ଦଳ ସମର୍ଥନ କଲେ ଓ ଆଇନ ବି ହେଲା । କିନ୍ତୁ ସୀମା ପୁନଃ ନିର୍ଦ୍ଧାରଣ ଓ ପୂର୍ବ ଜନଗଣନା ଆଧାରରେ ଆସନ ସଂଖ୍ୟା ବୃଦ୍ଧିକୁ ବିରୋଧୀ ବିରୋଧ କରୁଥିବାବେଳେ ବିଜେପି କିନ୍ତୁ ମହିଳା ସଂରକ୍ଷଣକୁ ବିରୋଧୀ ବିରୋଧ କରୁଥିବା ଦର୍ଶାଇବାର ଅପଚେଷ୍ଟା କରୁଛି । କିନ୍ତୁ ସତ କ'ଣ ତାହା ବିଜେପିର ମୁଣ୍ଡିଆଳମାନେ ଜାଣିଛନ୍ତି । ଇଣ୍ଟରନେଟରେ ପାଠ ପଢୁଥିବା ଯୁବବର୍ଗଙ୍କୁ କ'ଣ ବୋକା ବନାଇବା ଏତେ ସହଜ କି ? ଏଇ ନିକଟରେ ବାକପଟୁ ରାଘବ ଚଢ଼ା ଜେନ୍-ଜି ବର୍ଗକୁ ବେଶ୍ ଆକର୍ଷିତ କରିଥିଲେ । ନିଆରା ଯୁକ୍ତିସଙ୍ଗତ କଥା କହି ସେ ଯୁବବର୍ଗଙ୍କ ମନମୋହିଥିଲେ । କିନ୍ତୁ ଆପ୍ ଛାଡ଼ି ବିଜେପିରେ ଯୋଗଦେବାର ଦେଢ଼ ଦିନରେ ଦେଢ଼ ନିୟୁତ ଫଲୋଅର୍ସ ରାଘବଙ୍କ ଠାରୁ ମୁହଁ ମୋଡ଼ି ସାରିଲେଣି । ଏଥିରୁ ଅନୁମାନ କରନ୍ତୁ, ଆଜିକା ଯୁବବର୍ଗ କେତେ ସ୍ମାର୍ଟ ଓ ସିଆଣିଆ ହୋଇସାରିଲେଣି । ନେତା ଏବେ ନିଜକୁ ସବଜାନତା ଦର୍ଶାଇବା ହିଁ ବୋକାମୀର ପରିଚୟ କହିଲେ ଅତ୍ୟୁକ୍ତି ହେବନାହିଁ । ପିଲାମାନେ ବହି ପାଠ ସହ ରିସର୍ଚ୍ଚକୁ ବି ଆପଣାଇଲେଣି । ଫ୍ୟାକ୍ଟଚେକ୍ କରିବାରେ ସେମାନେ ବି ମାହିର ହୋଇଗଲେଣି । ପାଞ୍ଚ ସାତ ବର୍ଷ ତଳେ ଟ୍ରୋଲ୍‌ମାନେ ସତକୁ ମିଛ, ମିଛକୁ ସତ ଦର୍ଶାଇ ଜନତାକୁ ବିଭ୍ରାନ୍ତି କରୁଥିଲେ । ଆଜିକା ପୀଢ଼ିର ଯୁବବର୍ଗ ଏବେ ଟ୍ରୋଲଙ୍କୁ ଜବାବ ଦେଲେଣି । ଏକଥା କହିବାର ତାତ୍ପର୍ଯ୍ୟ ହେଉଛି, ଦିନେ ଜନତା ଥିଲେ ବୋକା, ନେତା ଥିଲେ ସିଆଣିଆ । ମାନେ ବୋକା ରାଇଜରେ ସିଆଣିଆ ରଜା । କିନ୍ତୁ ଏବେ ସିଆଣିଆ ରାଇଜ । ଯଦି ନେତାମାନେ ସ୍ମାର୍ଟ ଭାବି ଜନତାଙ୍କୁ ବୋକା ବନେଇବାକୁ ପ୍ରୟାସ କରିବେ ତେବେ ଲୋକେ କହିବେ ସିଆଣିଆ ରାଇଜରେ ବୋକା ରଜା ।

> ୩୩% ମହିଳା ସଂରକ୍ଷଣକୁ ସବୁ ଦଳ ସମର୍ଥନ କଲେ ଓ ଆଇନ ବି ହେଲା। କିନ୍ତୁ ସୀମା ପୁନଃ ନିର୍ଦ୍ଧାରଣ ଓ ପୂର୍ବ ଜନଗଣନା ଆଧାରରେ ଆସନ ସଂଖ୍ୟା ବୃଦ୍ଧିକୁ ବିରୋଧୀ ବିରୋଧ କରୁଥିବାବେଳେ ବିଜେପି କିନ୍ତୁ ମହିଳା ସଂରକ୍ଷଣକୁ ବିରୋଧୀ ବିରୋଧ କରୁଥିବା ଦର୍ଶାଇବାର ଅପଚେଷ୍ଟା କରୁଛି।

# ମହତାବଙ୍କ 'ଜନକଂଗ୍ରେସ' ଓ କୂଟନୀତି

କଂଗ୍ରେସର ପତନ ପାଇଁ କଂଗ୍ରେସର ବଡ଼ ନେତାମାନେ ହିଁ ଦାୟୀ । ଏକଦା ରାଜ୍ୟ କଂଗ୍ରେସର ପୁରୋଧା ଥିବା ହରେକୃଷ୍ଣ ମହତାବ 'କଂଗ୍ରେସ ହଟାଅ' ଆହ୍ୱାନ ଦେଇ ଜନକଂଗ୍ରେସ ଗଠନ କରିଥିଲେ । ୧୯୬୫ ମସିହା ମେ' ୫ରେ ଗଠିତ ଏହି ଦଳର ରାଜ୍ୟ ସଭାପତି ଥିଲେ ପବିତ୍ର ମୋହନ ପ୍ରଧାନ । କିନ୍ତୁ ମହତାବ ହିଁ ପ୍ରଚ୍ଛଦପଟରେ ଅସଲ ମଙ୍ଗ ଧରିଥିଲେ । ସେପଟେ ନବକୃଷ୍ଣ ଚୌଧୁରୀ, ରାଧାନାଥ ରଥ ଓ ରାଜେନ୍ଦ୍ର ନାରାୟଣ ସିଂହଦେଓ କଂଗ୍ରେସ ହଟାଇବା ପାଇଁ ହାତ ମିଳାଇଥିଲେ । ୧୯୬୭ରେ ସ୍ୱତନ୍ତ୍ର ପାର୍ଟି ଓ ଜନକଂଗ୍ରେସ ମିଳିତ ଭାବେ ନିର୍ବାଚନ ଲଢ଼ି ଯଥାକ୍ରମେ ୪୯ ଓ ୨୬ ଆସନ ପାଇଥିଲେ । କଂଗ୍ରେସର ଆସନ ସଂଖ୍ୟା ୩୧କୁ ଖସି ଯାଇଥିଲା । ସେପଟେ ନିର୍ବାଚନ ଫଳାଫଳ ଯାହାହେଉନା କାହିଁକି ମହତାବ ହିଁ ମୁଖ୍ୟମନ୍ତ୍ରୀ ହେବେବୋଲି ପୂର୍ବରୁ ନିଷ୍ପତ୍ତି ନିଆଯାଇଥିଲା । ତେବେ ନିର୍ବାଚନରେ ଅଧିକ ସଫଳତା ମିଳିବାରୁ ଆରଏନ ସିଂହଦେଓ ମୁଖ୍ୟମନ୍ତ୍ରୀ ହେବେବୋଲି ସ୍ୱତନ୍ତ୍ର ଦଳ ଯୁକ୍ତି ବାଢିଥିଲା । ଆରଏନ ସିଂହଦେଓ ମୁଖ୍ୟମନ୍ତ୍ରୀ ଓ ପବିତ୍ର ପ୍ରଧାନ ଉପମୁଖ୍ୟମନ୍ତ୍ରୀ ହୋଇଥିଲେ । ଯାହାକୁ ନେଇ ମହତାବ କ୍ଷୁବ୍ଧ ହୋଇଥିଲେ । ମିଳିତ ମନ୍ତ୍ରୀମଣ୍ଡଳ ଭାଙ୍ଗିବାକୁ ମହତାବ ଗୋଟି ଚଳାଇଥିଲେ । ଉଭୟ ଦଳ ଭିତରେ ଭୁଲ ବୁଝାମଣା ସୃଷ୍ଟି କରିବାରେ ସେ ସଫଳ ହୋଇଥିଲେ । ଫଳରେ ମିଳିତ ମନ୍ତ୍ରୀମଣ୍ଡଳର ପତନ ଘଟିଥିଲା । ପରେ ମହତାବ କଂଗ୍ରେସକୁ ଫେରି ଯାଇଥିଲେବି କ୍ଷମତାର ସୁଆଦ ଚାଖିପାରିନଥିଲେ । ଅପରପକ୍ଷରେ ଜନକଂଗ୍ରେସ କିନ୍ତୁ କଂଗ୍ରେସରେ ବିଲୀନ ହୋଇନଥିଲା । ପବିତ୍ର ବାବୁ କିଛି ଦିନ ପାଇଁ ଏହାକୁ ଧରି ରଖିଥିଲେ ।


ହରେକୃଷ୍ଣ ମହତାବ


ପବିତ୍ର ପ୍ରଧାନ



## ବାବା ଅବ୍ଜର୍ଭାନନ୍ଦ

ଟିଭି ଖୋଲୁ ଖୋଲୁ ଆଜି କାଲି ଖାଲି
ଦେଖିବ ଗୋଟିଏ ଛବି,
ପାଣ୍ଡିଆନ ଥିବ ନହେଲେ ଅଚ୍ୟୁତ
ପୁଣି କେତେବେଳେ ବବି ।

ପାଣ୍ଡିଆନ ପରା ନେଇଯାଇଥିଲେ
ଭଣ୍ଡାର ଭିତରୁ ସୁନା,
ପ୍ରଶାସନ ଏବେ ହିସାବ ଦେଲାଣି
ପାଟି କିଆଁ ତୁମ ଖନା ?

ଅଚ୍ୟୁତଙ୍କ ପଛେ ଏତେ ଲାଗି ଲାଗି
ଶେଷରେ ପାଇଲ କିସ,
ସନମାନ ଏତେ ପାଉଛନ୍ତି ସିଏ
ତୁମକୁ ମିଳୁନି ବିଷ ।

ଦିନରାତି ଖାଲି ଗାଇଲ ବବି ଯେ
କରିଲା ପଥର ଚୋରି,
ରସିଦ ଦେଖିଲା ପରେ କିଆଁ ତୁମେ
ଲାଜରେ ଗଲନି ମରି ।

ଟିଆରପି ପାଇଁକି କେତେ ଯେ ତଳକୁ
ଯାଉଅଛ ତୁମେ ଖସି
ବିଜେଡି ଭାଙ୍ଗୁଛି, କଂଗ୍ରେସ ବୁଡୁଛି
ଗାଇ ହେଉଅଛ ଖୁସି ।

ମିଛ କହି ତୁମେ ଲଗାଉଛ ଯେଉଁ
ଶାସକ ବିରୋଧୀ କଳି,
ସୋସିଆଲ ମିଡିଆ ଦେଖୁନ କିଭଳି
ଜନତା ଦେଲେଣି ଗାଳି ।



ବି.ଦ୍ର: 'ଗର୍ବିତ ଓଡ଼ିଆ' ସଂକ୍ରାନ୍ତୀୟ ସମସ୍ତ ଆପତ୍ତି ଅଭିଯୋଗର ଶୁଣାଣୀ ଭୁବନେଶ୍ୱର କୋର୍ଟରେ କରାଯିବ ।



## ନିର୍ବାଚନ ବେଳେ ଏ ପାଲା କାହିଁକି ?

# ଆସନ ଆରକ୍ଷଣ

**ମହିଳା ସଶକ୍ତ ହେବେ । ସଂସଦରେ ଓ ବିଧାନସଭାରେ ହକ୍ ପାଇଁ ଲଢ଼େଇ କରିବେ । ନୀତି ନିର୍ଦ୍ଧାରଣ କରିବେ । ସେଥିପାଇଁ ୩୩% ସଂରକ୍ଷଣ ଦିଆଯିବ । ବଢ଼ିଆ କଥା, ରିଜର୍ଭେସନ ଯୁଗରେ ତ ସମସ୍ତେ ରିଜର୍ଭେସନ ଚାହୁଁଛନ୍ତି । ଜାତି ଲିଙ୍ଗ ଗରିବୀ ଆଧାରରେ ଲୋକେ ସଂରକ୍ଷଣ ମାଗିଲେଣି । ପୁଣି ଆଉ ଥୋକେ କୋଟା ଭିତରେ କୋଟା ମାଗୁଛନ୍ତି । ହେଲେ ସତରେ କ'ଣ ସଂରକ୍ଷଣ ଦେଲେ ମହିଳା ନେତ୍ରୀଟେ ସଶକ୍ତ ହୋଇଯିବେ । କେତେକ କହିପାରନ୍ତି ହଁ । ସତରେ କ'ଣ ରାଜନୀତିକ ଦଳଗୁଡ଼ିକ ମହିଳା ନେତ୍ରୀଙ୍କୁ ସୁଯୋଗ ଦେବାକୁ ରଡ଼ି ଛାଡୁଛନ୍ତି । କେତେକ କହିପାରନ୍ତି ହଁ । କିନ୍ତୁ ଆମ ଉତ୍ତର ନାଁ । ଛାଞ୍ଚ ମଜବୁତ୍ ନଥିଲେ ମୂର୍ତ୍ତି କ'ଣ ମଜବୁତ୍ ହୋଇପାରିବ । ଆଗ ଛାଞ୍ଚ ମଜବୁତ୍ ହେଉ... । ଏନେଇ ତପୁ ବସନ୍ତ କୁମାର ଓ ଚିତ୍ତରଞ୍ଜନ ମହାନ୍ତିଙ୍କ ଆଲେଖ୍ୟ ।**

ତାମିଲନାଡୁ ଓ ପଶ୍ଚିମବଙ୍ଗ ନିର୍ବାଚନ ପାଇଁ ମୋଦି, ଶାହ ଓ ନୀତିନ ନବୀନଙ୍କୁ ଫୁରସତ୍ ନଥିବାବେଳେ ହଠାତ୍ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡକାହେଲା । ସମସ୍ତେ ଚକିତ, ଅପ୍ରେଲ ୨୯ ରେ ନିର୍ବାଚନ ସରୁଥିଲା । ଏହାପରେ ଡାକିଥିଲେ କ'ଣ ବେଦ ଅଶୁଦ୍ଧ ହୋଇଯାଇଥା'ନ୍ତା? ଅମୃତ କାଳ କ'ଣ ସରିଯାଉଥିଲା ? ଏପଟେ ମୋଦି ସରକାର ଜାଣିଛନ୍ତି, ବିଲ୍ ପାରିତ କରିବାକୁ ଲୋକସଭାରେ ଦୁଇ ତୃତୀୟାଂଶ ସଂଖ୍ୟା ନାହିଁ । ତଥାପିବି ଚିତ୍ ବି ମୋର, ପଟ୍ ବି ମୋର ନ୍ୟାୟରେ, ବିଲ୍ ପାରିତ ହେଲେ ମୋଦିଜୀଙ୍କୁ ଶ୍ରେୟ ଯିବ । ଆଉ ଯଦି ବିଲ୍ ପାରିତ ନହେଲା, ତାହେଲେ ବିରୋଧୀଙ୍କ ଶ୍ରାଦ୍ଧ କରାଯିବ । ବିଲ୍ ଆଲୋଚନା ନହେଉଣୁ କ୍ରେଡ଼ିଟ୍ ନେବା ପାଇଁ ବିଜେପି ସହରମାନଙ୍କରେ ପଦଯାତ୍ରା ଆରମ୍ଭ କରିଦେଲା । ଦସ୍ତଖତ କ୍ୟାମ୍ପେନ ବି କଲା । ବିଜେପିର ଏହି ଅତର୍କିଆ ପଣ ଭିତରେ କିଛି ରହସ୍ୟ ଲୁଚି ରହିଥିବା ଅନୁମାନ କରାଯାଉଥିଲା । ସଂରକ୍ଷଣକୁ ନେଇ ଲୋକସଭାରେ ଦି ଦିନ ଧରି ବିତର୍କ ହେଲା । କିନ୍ତୁ ଯାହା ହେବାର ଥିଲା, ସେଇଆ ହିଁ ହେଲା । ନୂଆ ଜନଗଣନା ଆଧାରରେ ସୀମା ପୁନଃ ନିର୍ଦ୍ଧାରଣ କର, ନହେଲେ ଏବେ ଯେତିକି ଅଛି ସେଥିରୁ ୩୩% ମହିଳାଙ୍କୁ ସଂରକ୍ଷଣ ଦିଅ ବୋଲି ବିରୋଧୀ ଜିଦ୍ ଧରି ବସିଲେ । ଶାସକ-ବିରୋଧୀଙ୍କ ରାଜନୀତିକ ଲଢ଼େଇରେ ବାସ୍ ବିଲ୍‌ଟି କାଟ୍ ଖାଇଗଲା ।

ଏହା ପରେପରେ ପୁଣି ବିଜେପି ଆରମ୍ଭ କରିଦେଲା ଖେଳ । ଏପଟେ ପଶ୍ଚିମବଙ୍ଗ ଓ ତାମିଲନାଡୁ ନିର୍ବାଚନ ଥିବାବେଳେ ସାରା ଦେଶରେ ଏକ ମାହୋଲ ସୃଷ୍ଟି କରିବାକୁ ରାଜଧାନୀ ଓ ବଡ଼ବଡ଼ ସ୍ଥାନରେ ବିଜେପି ନେତାମାନେ ପ୍ରେସ୍‌ମିଟ୍ କରି ବିରୋଧୀଙ୍କୁ ଧୋଇଲେ । ମହିଳା ଆକ୍ରୋଶ ରାଲି କରି ରାଜରାସ୍ତାରେ ଗର୍ଜିଲେ । ଆଜ୍ଞା ମହିଳା ଆକ୍ରୋଶ କଥା ଯେତେବେଳେ ଉଠିଲାଣି, ସେତେବେଳେ ପୋଥି ବାଇଗଣକୁ ଛାଡ଼ି ଟିକେ ବାଡ଼ି ବାଇଗଣ ଉପରେ ଗବେଷଣା କରିବା ଦରକାର ।

ଗର୍ବିତ ଓଡ଼ିଆ

# ନେତ୍ରୀଙ୍କୁ ଟେନସନ୍ ପ୍ରତି ପାଳିରେ ରୋଟେସନ୍

ଏବେ ମହିଳା ସଂରକ୍ଷଣ ବିଲରେ ଥିବା ଗୋଟିଏ ପ୍ରାବଧାନ ହିଁ ସଶକ୍ତ ମହିଳା ନେତ୍ରୀ ସୃଷ୍ଟିରେ ଅନ୍ତରାୟ ବୋଲି କୁହାଯାଇପାରିବ । ପ୍ରତି ନିର୍ବାଚନରେ ମହିଳା ସଂରକ୍ଷିତ ଆସନ ରୋଟେସନ୍ ହେବ । ଅର୍ଥାତ୍ ଏଥର ଯଦି ଗୋଟିଏ ଆସନ ମହିଳା ହୁଏ ତେବେ ଆସନ୍ତା ନିର୍ବାଚନରେ ତାହା ବଦଳିଯିବ ।

ମନେକର ୨୦୨୯ରେ ଜଣେ ମହିଳା ନେତ୍ରୀ କୋଟାରେ ଜିତିଲେ । ଏମିତି ଆପଣ ଦେଖିବେ, ସେ ମହିଳା ନେତ୍ରୀ ଜଣଙ୍କ ଜଣେ ନେତାଙ୍କର ପତ୍ନୀ କି ବୋହୂ ହିଁ ହୋଇଥିବେ । (ପଞ୍ଚାୟତ ନିର୍ବାଚନରେ ତ ଆମେ ଗଦାଗଦା ଉଦାହରଣ ଦେଖୁଛୁ, ଗତ ନିର୍ବାଚନରେ ବି ଆମ ଦଳଗୁଡ଼ିକ ଏମିତି ନେତାଙ୍କ ପରିବାରରୁ ହିଁ ମହିଳାଙ୍କୁ ଟିକେଟ୍ ଦେଇଥିଲେ ।) ସେହି ନେତ୍ରୀ ଜଣଙ୍କ ଥରେ ଜିତିବା ପରେ ଆରଥରକୁ ଆଉ ଟିକେଟ୍ ପାଇବେନି ବୋଲି ଜାଣି ସାରିଥିବେ । ପରବର୍ତ୍ତୀ ନିର୍ବାଚନରେ ତାଙ୍କ ପରିବାରର ସ୍ୱାମୀ, ଦିଅର କି ଶ୍ୱଶୁର ନିର୍ବାଚନ ଲଢ଼ିବେ । ଅତଏବ ୫ ବର୍ଷ ପରେ ପୁନଃମୂଷିକ ଭବ ଭଳି ସେ କେବଳ ପୂର୍ବତନ ବିଧାୟିକା ହିଁ ରହିଯିବେ ।

ସେହିପରି ଯଦି ଜଣେ ନେତ୍ରୀ ନିଜ ଦମ୍‌ରେ ମହିଳା କୋଟାରେ ଟିକେଟ୍ ପାଇ ବିଜୟୀ ହୋଇଥିବେ, ତେବେ ସେ ଠିକ୍‌ରେ କାମ କରିପାରିବେନି । କାହିଁକିନା ସେ ଚାପରେ ହିଁ ରହିବେ । ସେ ଜାଣି ସାରିଥିବେଯେ, ଆର ନିର୍ବାଚନ ବେଳକୁ ଏଠାରେ କୋଟା ଉଠିଯିବ । ପଞ୍ଚାୟତମାନଙ୍କରେ ଏହି ରୋଟେସନ୍ ପାଇଁ ହିଁ ଅନେକ ନେତ୍ରୀ ନେତୃତ୍ୱ ପ୍ରଦର୍ଶନର ସୁଯୋଗ ପାଉନାହାନ୍ତି । ସବୁ ନିର୍ବାଚନରେ ରୋଟେସନ ନକରି ଅନ୍ତତଃ ଦୁଇ ତିନି ପାଳି ସଂରକ୍ଷଣ କାଏମ ରହିଲେ ଆଉ ଅଧିକ ନେତ୍ରୀ ଦକ୍ଷ ହୋଇପାରନ୍ତେ ।

ଆଉ ଗୋଟିଏ ଉଦାହରଣ ଦେଲେ ଆପଣ ଆମ ଲେଖାର ମର୍ମ ବୁଝିପାରିବେ । ଆଦିବାସୀ ଓ ହରିଜନଙ୍କ ପାଇଁ ଯେଉଁସବୁ ବିଧାନସଭା ବା ଲୋକସଭା ଆସନ ସଂରକ୍ଷିତ ରହୁଛି ସେଠାରେ ଏସସି ଏସଟି ବର୍ଗର ଟାଣୁଆ ନେତା ସୃଷ୍ଟି ହୋଇପାରୁଛନ୍ତି । ତାହାର କାରଣ ହେଉଛି, ବର୍ଷ ବର୍ଷ ଧରି ତାହା ସଂରକ୍ଷିତ ରହୁଥିବାରୁ ସେମାନଙ୍କ ଜାତି, ସମ୍ପ୍ରଦାୟ ବା ବର୍ଗରେ ନେତୃତ୍ୱ ନେବାକୁ ପ୍ରତିଯୋଗିତା ଚାଲୁଛି । ଯଦି ରୋଟେସନରେ ତାହା ବଦଳି ଯାଉଥା'ନ୍ତା ତେବେ ନିଶ୍ଚିତ ଭାବେ ଏସସି ଏସଟି ନେତୃତ୍ୱ ସୃଷ୍ଟିରେ ବାଧକ ହୁଅନ୍ତା ।



# ମହିଳାଙ୍କୁ କେତେ ସଶକ୍ତ କରିବ ସଂରକ୍ଷଣ ?

ସଂରକ୍ଷଣ ମହିଳାମାନଙ୍କୁ କେତେ ସଶକ୍ତ କରିବ ସେନେଇ ଅନେକ ସମୟରେ ବିତର୍କ ହୋଇଥାଏ । ଖାଲି ମହିଳା ନୁହଁନ୍ତି ଜାତିଗତ ସଂରକ୍ଷଣ ବେଳେ ବି ଏମିତି ପ୍ରଶ୍ନ ଉଠିଥାଏ । ଆପଣ ଲକ୍ଷ୍ୟ କରିଥିବେ, ପଞ୍ଚାୟତମାନଙ୍କରେ ଯଦି ଏସସି, ଏସଟି ସଂରକ୍ଷଣ ହୁଏ ଓ ସେହି ଅଞ୍ଚଳ ଯଦି ଆଦିବାସୀ ଓ ହରିଜନ ଅଧ୍ୟୁଷିତ ଅଞ୍ଚଳ ହୋଇନଥାଏ ତେବେ ଜଣେ ସାଧାରଣ ନେତା ହିଁ ରିମୋର୍ଟରେ ସେମାନଙ୍କୁ ପରିଚାଳନା କରନ୍ତି । ମାନେ ଜଣେ ସାଧାରଣ ବର୍ଗର ନେତାଙ୍କ କଥାରେ ଏସସି ଏସଟି ବର୍ଗର ସରପଞ୍ଚ ଓ ସମିତିସଭ୍ୟ ଉଠ୍ ବସ୍ ହେବାର ନଜିର ରହିଛି । ଏମିତିକି କୋଟାରେ ବ୍ଲକ ଅଧ୍ୟକ୍ଷ ବା ଅଧ୍ୟକ୍ଷା ହୋଇଥିବା ଅନେକ ପଞ୍ଚାୟତସ୍ତରୀୟ ନେତା, ପଦବୀ ଚାଲିଯିବା ପରେ ମୂଲ ମଜୁରୀ ଲାଗୁଥିବାର ଖବର ବି ଆମେ ପଢ଼ିଛେ ଓ ଶୁଣିଛେ । ଏସବୁ ଉଲ୍ଲେଖ କରିବାର କାରଣ ହେଉଛି, ସଂରକ୍ଷଣ ସଶକ୍ତ କରିବାର ସିଡ଼ି । ହେଲେ ଉଦ୍ଦେଶ୍ୟ ଓ ଲକ୍ଷ୍ୟକୁ ରାଜନୀତିକ ଦଳ ଠିକ୍ ଭାବେ ଅନୁପାଳନ କରିବା ଦରକାର । ରାଜନୀତିକ ଦଳଗୁଡ଼ିକ ଯଦି ସ୍ୱାମୀର ସ୍ତ୍ରୀ, ଶ୍ୱଶୁରର ବୋହୂଙ୍କୁ ମହିଳା ନେତ୍ରୀ ବୋଲି ବିଚାର ନକରି ସାଧାରଣ ନେତ୍ରୀଙ୍କୁ ବିଚାର କରିବେ ତେବେ ଯାଇ ମହିଳା ନେତୃତ୍ୱ ସୃଷ୍ଟି ହୋଇପାରିବେ ।

ଅତଏବ ମହିଳା ସଂରକ୍ଷଣ ବିଲ୍ ପାରିତ ହେଲେ ବା ଆଇନ୍ କାର୍ଯ୍ୟକାରୀ ହେଲେ ଆଉ ଦି ଦଶନ୍ଧି ପରେ ଅନେକ ଦକ୍ଷ ମହିଳା ନେତୃତ୍ୱ ସୃଷ୍ଟି ହୋଇପାରିବେ ଏହା ନିଃସନ୍ଦେହରେ କୁହାଯାଇପାରେ । କିନ୍ତୁ ଏଥିପାଇଁ ରାଜନୀତିକ ଦଳଗୁଡ଼ିକ କୁମ୍ଭୀରକାନ୍ଦଣା ନକରି ସତରେ ଗୁରୁତର ସହ ଚିନ୍ତା କରିବାର ଆବଶ୍ୟକତା ରହିଛି ।

# ପଞ୍ଚାୟତରେ କେତେ ଦକ୍ଷ ନେତ୍ରୀ ସୃଷ୍ଟି ହେଲେଣି ?

ଓଡ଼ିଶାରେ ବିଜେଡ଼ି ଛାତି ପିଟି କହୁଛି, ବିଜୁବାବୁ ୩୩% ମହିଳାଙ୍କୁ ସଂରକ୍ଷଣ ଦେଇଥିଲେ ଆଉ ନବୀନ ବାବୁ ୫୦% ମହିଳାଙ୍କୁ ପଞ୍ଚାୟତ ନିର୍ବାଚନରେ ସଂରକ୍ଷଣ ଦେଇଛନ୍ତି । ୧୯୯୨ରେ ବିଜୁବାବୁ ସଂରକ୍ଷଣ ଦେଇଥିଲେ । ୨୦୧୧ରେ ନବୀନ ବାବୁ ସଂରକ୍ଷଣକୁ ଆଉ ଟିକେ ବଢ଼େଇଦେଲେ । ସଂରକ୍ଷଣ ମିଳିବା ପରେ ପ୍ରାୟ ୨୦ ହଜାର ମହିଳା ସରପଞ୍ଚ, ସମିତିସଭ୍ୟ ଅବା ଜିଲ୍ଲା ପରିଷଦ ହୋଇଛନ୍ତି । ହେଲେ ସେମାନଙ୍କ ମଧ୍ୟରୁ ବାସ୍ତବରେ କେତେ ନେତ୍ରୀ ବାହାରିଛନ୍ତି ? ରାଜନୀତିକ ଦଳ କେବେ ସର୍ଭେ କରିଛନ୍ତି କି ? ଯଦି ନିରୁତା ସର୍ଭେ କରାଯାଏ ତେବେ ଦଶ ଭାଗରୁ ଭାଗେ ସରପଞ୍ଚ, ସମିତିସଭ୍ୟବି ଏଯାଏଁ ନିଜ ପଞ୍ଚାୟତର ନେତ୍ରୀ ଭାବେ ପରିଗଣିତ ହେଉନାହାନ୍ତି । ପଦ ପଳାଇବା ପରେ ତାଙ୍କୁ କେହି ମନେବି ରଖିନାହାନ୍ତି ।

ଏମିତି କାହିଁକି ? ପ୍ରଥମତଃ ୯୦% ମହିଳା ସ୍ୱାମୀ, ଦିଅର, ଶ୍ୱଶୁରଙ୍କ ଲୋକପ୍ରିୟତା ଓ ସଂଗଠନ ପାଇଁ ହିଁ ସରପଞ୍ଚ ହୋଇଥା'ନ୍ତି । କେବଳ ମିଟିଂରେ ହାଜିରା ପକାଇବାକୁ ସେମାନେ ବ୍ଲକ ଅଫିସ ଯାଆନ୍ତି । ନିହାତି ଆବଶ୍ୟକ ନଥିଲେ ପଞ୍ଚାୟତ ବି ଯାଆନ୍ତିନି । କେବଳ ଫର୍ମ କି ଫାଇଲରେ ଦସ୍ତଖତ ବିନା ରାଜନୀତିର ଧାର ବି ଧରନ୍ତିନି । ଆପଣ ଅଧିକାଂଶ ପଞ୍ଚାୟତକୁ ଯାଆନ୍ତୁ କି ବିଧାୟକମାନଙ୍କୁ ପଚାରିଲେ ଏହାର ଉତ୍ତର ପାଇଯିବେ । ଯଦି ସତରେ ମହିଳା ନେତ୍ରୀମାନେ ଧିରେଧିରେ ସଶକ୍ତ ହେଉଥା'ନ୍ତେ ଆଜି ବିଧାନସଭାରେ ୧୪୭ରୁ ୧୧ କାହିଁକି ମହିଳା ବିଧାୟକ ଥାଆନ୍ତେ ? ଏହାଠାରୁ ବଡ଼ ପ୍ରମାଣ ଆଉ କ'ଣ ବା ରହିଛି । ଆମେ ପୁଣି ତଥ୍ୟ ଦେଇଛୁ, ମହିଳା ନେତ୍ରୀମାନେ ସଶକ୍ତ ଥିଲେ ୧୪୭ରୁ ବିଜେଡ଼ି ୩୫, ବିଜେପି ୧୨ ଓ କଂଗ୍ରେସ ୨୧ ଜଣଙ୍କୁ ବିଧାନସଭା ଟିକେଟ୍ ଦେଇନଥା'ନ୍ତା । ୧୯୯୨ରୁ ୨୦୨୪, ୩୨ ବର୍ଷ ଭିତରେ କେତେ ମହିଳା ନେତ୍ରୀ ସଶକ୍ତ ହୋଇଛନ୍ତି ଏକଥା ଥରେ ଭାବିବା ଦରକାର ।

# ୨୦୨୪ରେ ମହିଳାଙ୍କୁ ବିଧାନସଭା ଟିକେଟ୍

## ବିଜେଡ଼ି । ୧୪୭ରୁ ୩୫ (୨୩.୮%)

ବର୍ଷା ସିଂ ବରିହା, ରୀତା ସାହୁ, ସ୍ନେହାଙ୍ଗିନୀ ଛୁରିଆ, ଅଲକା ମହାନ୍ତି, ଦୀପାଳି ଦାସ, ଅର୍ଚ୍ଚନା ରେଖା ବେହେରା, ମୀନା ମାଝୀ, ରଞ୍ଜିତା ମାରାଣ୍ଡି, ବାସନ୍ତୀ ହେମ୍ବ୍ରମ, ଅନସୂୟା ପାତ୍ର, ପ୍ରୀତିନନ୍ଦା କାନୁନଗୋ, ସୁବାସିନୀ ଜେନା, ବିଦ୍ୟାସ୍ମିତା ମହାଲିକ, ସୁବାସିନୀ ସାହୁ, ପ୍ରମିଳା ମଲ୍ଲିକ, ବର୍ଷା ପ୍ରିୟଦର୍ଶିନୀ, ସୁଜାତା ସାହୁ, ସଂଧ୍ୟାରାଣୀ ଦାସ, ସଂଯୁକ୍ତା ସିଂ, ଟୁ କୁ ନି ସାହୁ, ନବୀନା ନାୟକ, କୌଶଲ୍ୟା ପ୍ରଧାନୀ, ଲଳିତା ନାଏକ, ମନୋରମା ମହାନ୍ତି, ଜୟଶ୍ରୀ କହଁର, ଗୀତାଞ୍ଜଳୀ ରାଉତରାୟ, ସାବିତ୍ରୀ ପ୍ରଧାନ, ଲତିକା ପ୍ରଧାନ, ସୂର୍ଯ୍ୟମଣି ବୈଦ୍ୟ, ମଞ୍ଜୁଳା ସ୍ୱାଇଁ, ସଂଘମିତ୍ରା ସ୍ୱାଇଁ, ସୁଲକ୍ଷଣା ଗୀତାଞ୍ଜଳୀ ଦେବୀ, ଅନସୂୟା ମାଝୀ, ଇନ୍ଦିରା ନନ୍ଦ ଓ ଲକ୍ଷ୍ମୀପ୍ରିୟା ନାୟକ ।

## ବିଜେପି । ୧୪୭ରୁ ୧୨ (୮.୧୬%)

କୁସୁମ ଟେଟେ, ସେବତୀ ନାଏକ, ସଞ୍ଜୀଲୀ ମୁର୍ମୁ, ବବିତା ମଲ୍ଲିକ, ସ୍ମୃତିରେଖା ପହି, ସୀମାରାଣୀ ନାଏକ, କଳ୍ପନା କହଁର, ଗୀତାଞ୍ଜଳୀ ସେଠୀ, ପ୍ରଭାତୀ ପରିଡ଼ା, ଉପାସନା ମହାପାତ୍ର, ସୁରମା ପାଢ଼ୀ, ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ।

## କଂଗ୍ରେସ । ୧୪୫ରୁ ୨୧ (୧୪.୪୮%)

ଅମିତା ବିଶ୍ୱାଳ, ସୁଧାରାଣୀ ରାଉଡ଼ିଆ, ପ୍ରତିଭା ମଞ୍ଜରୀ ନାଏକ, ଶ୍ୱେତା ଛତର, ମୋନାଲିସା ସାମଲ, କନକଲତା ମଲ୍ଲିକ, ବନ୍ଦିତା ପରିଡ଼ା, ସୁସ୍ମିତା ସିଂଦେଓ, ହାରବତୀ ଗଣ୍ଡ, ଲିପିକା ମାଝୀ, ରଶ୍ମିରେଖା ରାଉତ, ପ୍ରତିଭା କହଁର, ସୋଫିଆ ଫିର୍ଦ୍ଦୋଷ, ମୀରା ମଲ୍ଲିକ, ଗୀତାଞ୍ଜଳୀ ମଲ୍ଲିକ, ସିପ୍ରା ମଲ୍ଲିକ, ଦେବସ୍ମିତା ଶର୍ମା, ପ୍ରତିମା ମଲ୍ଲିକ, ସୋନାଲି ସାହୁ, ବୈଜୟନ୍ତୀ ମାଳା ମହାନ୍ତି, ସୁରଭି ବିଷୋୟୀ

**୧୪୭ ବିଧାନସଭା ଆସନରେ ଯଦି ଦଳଗୁଡ଼ିକ ୩୩% ମହିଳାଙ୍କୁ ସଂରକ୍ଷଣ ଦେଇଥା'ନ୍ତେ ତେବେ ୪୯ ମହିଳାଙ୍କୁ ଟିକେଟ୍ ଦେବା କଥା । ହେଲେ ଉପରୋକ୍ତ ତଥ୍ୟ ଦର୍ଶାଉଛିଯେ, ବିଜୁ ଜନତା ଦଳ ସର୍ବାଧିକ ୨୩.୮% ମହିଳା ଅର୍ଥାତ୍ ୩୫ ଜଣଙ୍କୁ ଟିକେଟ୍ ଦେଇଥିଲା । ଯେତେବେଳେକି କଂଗ୍ରେସ ୧୪୫ ଆସନ ମଧ୍ୟରୁ ୨୧ ଜଣ ମହିଳାଙ୍କୁ ଟିକେଟ୍ ଦେଇଥିଲା । ଯାହାକି ୧୪.୪୮% । ହେଲେ ବିଜେପି ସବୁଠାରୁ କମ୍ ଅର୍ଥାତ୍ ୮.୧୬% ବା ୧୨ ଜଣ ମହିଳାଙ୍କୁ ଟିକେଟ ଦେଇଥିଲା ।**

## ୨୦୨୪ ଲୋକସଭା ନିର୍ବାଚନ

### ୩୩% ମହିଳାଙ୍କୁ ପ୍ରାର୍ଥୀ କରିଥିଲା **ବିଜେଡ଼ି**

ବିଜେଡ଼ି ୭ ଆସନରେ ମହିଳାଙ୍କୁ ପ୍ରାର୍ଥୀ କରିଥିଲା । ବରଗଡ଼ରୁ ପରିଣୀତା ମିଶ୍ର, ବାଲେଶ୍ୱରରୁ ଲେଖାଶ୍ରୀ ସାମନ୍ତସିଂହରାୟ, ଭଦ୍ରକରୁ ମଞ୍ଜୁଲତା ମଣ୍ଡଳ, ଯାଜପୁରରୁ ଶର୍ମିଷ୍ଠା ସେଠୀ, ଜଗତସିଂହପୁରରୁ ରାଜଶ୍ରୀ ମଲ୍ଲିକ, ଆସ୍କାରୁ ରଞ୍ଜିତା ସାହୁ ଓ କୋରାପୁଟରୁ କୌଶଲ୍ୟା ହିକ୍କା ବିଜେଡ଼ି ପ୍ରାର୍ଥୀ ହୋଇଥିଲେ ।

### ୪ ମହିଳାଙ୍କୁ ପ୍ରାର୍ଥୀ କରିଥିଲା **ବିଜେପି**

ବିଜେପି ବଲାଙ୍ଗୀରରୁ ସଂଗୀତା କୁମାରୀ ସିଂହଦେଓ, କଳାହାଣ୍ଡିରୁ ମାଳବିକା ଦେବୀ, ଭୁବନେଶ୍ୱରରୁ ଅପରାଜିତା ଷଡ଼ଙ୍ଗୀ ଓ ଆସ୍କାରୁ ଅନୀତା ଶୁଭଦର୍ଶିନୀଙ୍କୁ ପ୍ରାର୍ଥୀ କରିଥିଲା । ଅତଏବ ବିଜେପି ୧୯% ମହିଳାଙ୍କୁ ପ୍ରାର୍ଥୀ କରିଥିଲା ।

# ମହିଳାଙ୍କ ପାଇଁ କୁମ୍ଭୀରକାନ୍ଦଣା !

**ବିଜେପି:** ୨୦୦୭ ମସିହାରେ ବିଜେପିର ଟାଣୁଆ ନେତ୍ରୀ ଦିବଂଗତ ସୁଷମା ସ୍ୱରାଜଙ୍କ ନେତୃତ୍ୱରେ ତତ୍କାଳୀନ ରାଷ୍ଟ୍ରୀୟ ସଭାପତି ରାଜନାଥ ସିଂ ଏକ କମିଟି ଗଠନ କରିଥିଲେ । ମହିଳାମାନଙ୍କୁ ଦଳୀୟ ସଂଗଠନରେ ୩୩% ସଂରକ୍ଷଣ ଦେବା ପାଇଁ କିଭଳି ବ୍ୟବସ୍ଥା କରାଯାଇପାରିବ ସେନେଇ କମିଟିକୁ ରିପୋର୍ଟ ଦେବାକୁ କୁହାଯାଇଥିଲା । ଏହି କମିଟିରେ ସୁଷମାଙ୍କ ବ୍ୟତୀତ ସୁମିତ୍ରା ମହାଜନ, ନଜମା ହେପାତୁଲ୍ଲା, କିରନ ମାହେଶ୍ୱର, ବାଲ ଆପଟେ, କିରେନ ରିଜିଜୁ ଓ କିଷାନ ରେଡ୍ଡୀ ସଦସ୍ୟ ଥିଲେ । ଏହି କମିଟି ସୁପାରିଶ୍ କରିଥିଲାଯେ, ସ୍ଥାନୀୟ ସ୍ତରରୁ ନେଇ ଜାତୀୟସ୍ତର ପର୍ଯ୍ୟନ୍ତ ବିଜେପିର କମିଟିମାନଙ୍କରେ ଏକ ତୃତୀୟାଂଶ ମହିଳା ନେତ୍ରୀ ଓ କାର୍ଯ୍ୟକର୍ତ୍ତାଙ୍କୁ ସ୍ଥାନିତ କରାଯାଉ । ଯେଉଁ କମିଟିରେ ମହିଳାଙ୍କୁ ଏକ ତୃତୀୟାଂଶ ସ୍ଥାନ ଦିଆଯାଇନଥିବ ସେହି କମିଟି ବୈଧ ହେବନାହିଁ । ସେହିପରି ଜାତୀୟ କାର୍ଯ୍ୟକାରିଣୀର ୮୦ ସଭ୍ୟଙ୍କ ମଧ୍ୟରୁ ୧୨ ଜଣ ମହିଳା ରହିବେ । ଗାଏମୋଟ୍ ଦେଖିଲେ ୧୨%ରୁ ୧୫% ସଂରକ୍ଷଣ ଦିଆଯାଇଥିଲା । କିନ୍ତୁ ଏହାକୁ ୩୩% କରିବା ପାଇଁ ରାଜନାଥ ଚାହିଁଥିଲେ । ବୁଥ ଲେଭଲରେ ଦଳ ୩୩% ମହିଳାଙ୍କୁ ପ୍ରତିନିଧିତ୍ୱ କରିବାର ସୁଯୋଗ ଦେଉଛି ବୋଲି ବିଜେପି ଦାବି କରୁଛି । କିନ୍ତୁ ବିଜେପିର ଅଫିସିଆଲ ୱେବସାଇଟକୁ ଅନୁଶୀଳନ କଲେ ଦଳର ୩୯୬ ଜାତୀୟ କାର୍ଯ୍ୟକାରିଣୀ ସଭ୍ୟଙ୍କ ମଧ୍ୟରୁ ମାତ୍ର ୩୭ ଜଣ ଅର୍ଥାତ୍ ୯% ମାତ୍ର ମହିଳା । ଦଳର ୧୨ ଜଣିଆ ସଂସଦୀୟ ବୋର୍ଡ଼ରେ ସୁଧା ଯାଦବ ହେଉଛନ୍ତି ଏକମାତ୍ର ମହିଳା । ତେବେ ୧୨ ଜାତୀୟ ଉପସଭାପତିଙ୍କ ମଧ୍ୟରେ ୫ ମହିଳା ଅଛନ୍ତି । ବିଜେପିର କୌଣସି ମହିଳା ନେତ୍ରୀ ସାଧାରଣ ସମ୍ପାଦିକା ନଥିବାବେଳେ ୧୧ ସମ୍ପାଦକଙ୍କ ମଧ୍ୟରୁ ୨ ଜଣ ହେଉଛନ୍ତି ମହିଳା । ବିଜେପିର କେତେକ ନେତା ଏହା ବି ସ୍ୱୀକାର କରିଛନ୍ତିଯେ, ତାଙ୍କ ଦଳ ମହିଳାମାନଙ୍କୁ ସଂଗଠନ ବା ଲୋକସଭା ଓ ବିଧାନସଭାରେ ଯେତିକି ଗୁରୁତ୍ୱ ଦେବା କଥା ସେତିକି ଦେଇପାରିନାହିଁ ।

**କଂଗ୍ରେସ:** କଂଗ୍ରେସ ୱାର୍କିଂ କମିଟିରେ ୩୭ ସଭ୍ୟଙ୍କ ମଧ୍ୟରୁ ୬ ଜଣ ହେଉଛନ୍ତି ମହିଳା । ୩୪ ଜଣ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟଙ୍କ ମଧ୍ୟରୁ ୪ ଜଣ ମହିଳା ଥିବାବେଳେ ୧୫ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟଙ୍କ ମଧ୍ୟରେ ୪ ଜଣ ମହିଳା ରହିଛନ୍ତି ।

## କେଉଁ ରାଜ୍ୟରେ କେତେ ପ୍ରତିଶତ ବିଧାୟିକା

ତଥ୍ୟ ଅନୁଯାୟୀ, ଆନ୍ଧ୍ରରେ ୯%, ଅରୁଣାଚଳ ପ୍ରଦେଶରେ ୭%, ଆସାମରେ ୫%, ବିହାରରେ ୧୨%, ଛତିଶଗଡ଼ରେ ୧୮%, ଦିଲ୍ଲୀରେ ୧୦%, ଗୋଆରେ ୮%, ଗୁଜୁରାଟରେ ୮%, ହରିୟାଣାରେ ୧୦%, ହିମାଚଳରେ ୧%, ଝାରଖଣ୍ଡରେ ୧୨%, କର୍ଣ୍ଣାଟକରେ ୪%, କେରଳରେ ୯%, ମଧ୍ୟପ୍ରଦେଶରେ ୯%, ମହାରାଷ୍ଟ୍ରରେ ୮%, ମଣିପୁରରେ ୮%, ମେଘାଳୟରେ ୫%, ନାଗାଲାଣ୍ଡରେ ୩%, ଓଡ଼ିଶାରେ ୧୨%, ପଞ୍ଜାବରେ ୧୧%, ରାଜସ୍ଥାନରେ ୧୪%, ସିକିମରେ ୯%, ତାମିଲନାଡୁରେ ୫%, ତେଲେଙ୍ଗାନାରେ ୫%, ତ୍ରିପୁରାରେ ୧୩%, ଉତ୍ତରପ୍ରଦେଶରେ ୧୨%, ଉତ୍ତରାଖଣ୍ଡରେ ୧୩%, ପଶ୍ଚିମବଙ୍ଗରେ ୧୪% ବିଧାୟିକା ଅଛନ୍ତି । ଛତିଶଗଡ଼ରେ ସର୍ବାଧିକ ୧୮% ବିଧାୟିକା ରହିଛନ୍ତି ।

## ଲୋକସଭାରେ କାହାର କେତେ ସଂଖ୍ୟା ?

ସମ୍ପ୍ରତି ଲୋକସଭାରେ ଟିଏମସିର ଯେତିକି ସାଂସଦ ଅଛନ୍ତି ସେମାନଙ୍କ ମଧ୍ୟରୁ ୩୯% ହେଉଛନ୍ତି ମହିଳା । ଯେତେବେଳେକି ବିଜେପି ଓ କଂଗ୍ରେସର ସଦସ୍ୟଙ୍କ ମଧ୍ୟରେ ଯଥାକ୍ରମେ ୧୩% ଓ ୧୩.୪% ମହିଳା ଅଛନ୍ତି । ତେବେ ଲୋକସଭା ନିର୍ବାଚନରେ ବିଜେପି ୧୬% ଟିକେଟ୍ ମହିଳାଙ୍କୁ ଦେଇଥିବାବେଳେ କଂଗ୍ରେସ ୧୩% ଟିକେଟ ମହିଳାଙ୍କୁ ଦେଇଥିଲା । ଡିଏମ୍‌କେର ୨୨ ସାଂସଦ ଥିବାବେଳେ ସେମାନଙ୍କ ମଧ୍ୟରୁ ୩ ଜଣ ଅର୍ଥାତ୍ ୧୩.୬% ମହିଳା ରହିଛନ୍ତି ।

ଗର୍ବିତ ଓଡ଼ିଆ

# ଯଦି ଦଳଗୁଡ଼ିକ ୩୩% ମହିଳାଙ୍କୁ ଟିକେଟ୍ ଦିଅନ୍ତି ତେବେ ଉଦ୍ଦେଶ୍ୟ ସାଧିତ ହେବ କି ?

ଏହାର ଉତ୍ତର ନିଶ୍ଚିତ ଭାବେ ନାଁ । ଉଦାହରଣ ସ୍ୱରୂପ, ଗତଥର ବିଜେଡ଼ି ୩୫, କଂଗ୍ରେସ ୨୧ ଓ ବିଜେପି ୧୨ ଜଣ ମହିଳାଙ୍କୁ ପ୍ରାର୍ଥୀ କରିଥିଲା । କିନ୍ତୁ ବିଜେଡ଼ିର ୫, କଂଗ୍ରେସର ୧ ଓ ବିଜେପିର ୫ ଜଣ ଜିତିଛନ୍ତି । ତେଣୁ ଦଳଗୁଡ଼ିକ ୩୩% ମହିଳାଙ୍କୁ ଟିକେଟ୍ ଦେଲେ ୩୩% ମହିଳା ପ୍ରତିନିଧିତ୍ୱ କରିବାର ସମ୍ଭାବନା ନାହିଁ କହିଲେ ଭୁଲ୍ ହେବନି । ଏଥିପାଇଁ ମହିଳାଙ୍କ ପାଇଁ ଆସନ ସଂରକ୍ଷଣ କରିବାକୁ ପଡ଼ିବ । ଯାହାଫଳରେ ସବୁ ଦଳ ମହିଳାଙ୍କୁ ପ୍ରାର୍ଥୀ କରିବାକୁ ବାଧ ହେବେ ଓ ବିଜେତା ମଧ୍ୟ ଜଣେ ମହିଳା ହିଁ ହେବେ ।

**ଷୋଡ଼ଶ ବିଧାନସଭା**

(୧୪୭ରୁ ୧୧ : ୦୭.୧୭% )

ସୁରମା ପାଢ଼ୀ : ବିଜେପି

ପ୍ରଭାତୀ ପରିଡ଼ା : ବିଜେପି

ଉପାସନା ମହାପାତ୍ର : ବିଜେପି

ସଞ୍ଜଲୀ ମୁର୍ମୁ : ବିଜେପି

ସୀମାରାଣୀ ନାୟକ : ବିଜେପି

ବର୍ଷା ସିଂ ବରିହା : ବିଜେଡ଼ି

ସୁବାସିନୀ ଜେନା : ବିଜେଡ଼ି

ପ୍ରମିଳା ମଲ୍ଲିକ : ବିଜେଡ଼ି

ସୁଜାତା ସାହୁ : ବିଜେଡ଼ି

ମନୋରମା ମହାନ୍ତି : ବିଜେଡ଼ି

ସୋଫିଆ ଫିର୍ଦ୍ଦୋଷ : କଂଗ୍ରେସ

**ପଞ୍ଚଦଶ ବିଧାନସଭା**

୧୪୭ରୁ ୧୫ : ୨୨.୦୫%

ଚତୁର୍ଦ୍ଦଶ ବିଧାନସଭା

୧୪୭ରୁ ୧୧ : ୦୭.୧୭%

## ନବୀନଙ୍କଠୁ ପଛରେ ମୋହନ



ମହିଳାମାନଙ୍କୁ ସରକାରରେ ସାମିଲ୍ କରିବା କଥା ଯଦି ଆଲୋଚନା କରାଯାଏ ତେବେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଠାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଛରେ ଅଛନ୍ତି । ମୋହନଙ୍କ ସରକାରରେ ପ୍ରଭାତୀ ହିଁ ଏକମାତ୍ର ମନ୍ତ୍ରୀ ଅଛନ୍ତି । ତେବେ ଗତ ନବୀନ ସରକାରଙ୍କ ଅମଳରେ ଅର୍ଥାତ୍ ୨୦୧୯ରୁ ୨୦୨୪ ମଧ୍ୟରେ ଉଷା ଦେବୀ, ପ୍ରମିଳା ମଲ୍ଲିକ, ଟୁକୁନି ସାହୁ, ପଦ୍ମିନୀ ଦିଆନ୍, ରୀତା ସାହୁ, ବାସନ୍ତୀ ହେମ୍ବ୍ରମ୍ ପ୍ରମୁଖ ମନ୍ତ୍ରୀ ହୋଇଥିଲେ । ଅବଶ୍ୟ ଏକ ସମୟରେ ସେମାନେ ମନ୍ତ୍ରୀ ନଥିଲେ । ଆଗାମୀ ଦିନରେ ମୋହନଙ୍କ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ହେବାର ଥିବାବେଳେ ଆଉ କେତେ ମହିଳା ନେତ୍ରୀଙ୍କୁ ସ୍ଥାନ ମିଳୁଛି ତାହା ଉପରେ ବି ନଜର ରହିବ ।

## ମହିଳାଙ୍କୁ ମୁଖ୍ୟସଚିବ କଲେ ମୋହନ



ରାଜ୍ୟର ପ୍ରଥମ ମହିଳା ମୁଖ୍ୟସଚିବ ଭାବେ ଅନୁ ଗର୍ଗ ଇତିହାସ ରଚିଛନ୍ତି । ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧନ୍ୟବାଦ ପାତ୍ର । ସମ୍ପ୍ରତି ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବି ମହିଳା । ଗୋଟିଏ ସମୟରେ ତିନି ମହିଳାଙ୍କୁ ଶୀର୍ଷ ସ୍ଥାନରେ ଦାୟିତ୍ୱ ଦେଇଥିବାରୁ ମୋହନ ଏକ୍ଷେତ୍ରରେ ନବୀନଙ୍କ ଠାରୁ ଆଗରେ ରହିଛନ୍ତି ।

# ମହିଳା ସଶକ୍ତିକରଣର ବ୍ରାଣ୍ଡ ଆମ୍ବାସଡ଼ର ପ୍ରମିଳା



ଏକବିଂଶ ଶତାବ୍ଦୀର ଓଡ଼ିଶା ରାଜନୀତିରେ ପ୍ରମିଳା ମଲ୍ଲିକ ହିଁ ସବୁଠାରୁ ପାୱାରଫୁଲ୍ ନେତ୍ରୀ କହିଲେ ଭୁଲ୍ ହେବନାହିଁ। ୧୯୯୦ରୁ ସେ ରାଜନୀତିରେ ପାଦ ଥାପି ବେଶ୍ ସଫଳ ହୋଇଛନ୍ତି। ୭ ଥର ବିଧାୟିକା ହେବାର ଗୌରବ ବି ଅର୍ଜନ କରିଛନ୍ତି। ଆଜିକା ଦିନରେ ରାଜନୀତିରେ ସକ୍ରିୟ ଥିବା ମହିଳା ନେତ୍ରୀମାନଙ୍କୁ ପ୍ରମିଳାଙ୍କ ସମକକ୍ଷ ହେବାକୁ ଆହୁରି ଦୁଇ ତିନି ଦଶନ୍ଧି ଲାଗିଯିବ। ରାଜନୀତିକ ଜୀବନରେ ସେ ବହୁବାର ମନ୍ତ୍ରୀ ହୋଇଛନ୍ତି। ଓଡ଼ିଶା ବିଧାନସଭାର ବାଚସ୍ପତି ହେବାର ବି ସୌଭାଗ୍ୟ ଲାଭ କରିଛନ୍ତି। ଏବେ ବିରୋଧୀ ଦଳ ମୁଖ୍ୟ ସଚେତିକା ହୋଇ ବିଧାନସଭାରେ ସରକାରଙ୍କୁ ଘେରୁଛନ୍ତି। ଶାସକ ଦଳରେ ହେଉ ଅବା ବିରୋଧୀ ଦଳରେ, ଜଣେ ମହିଳା ଦୀର୍ଘ ଚାରି ଦଶନ୍ଧି ଧରି ସକ୍ରିୟ ରହିବା ସହ ସଫଳତା ପାଇବା ଛୋଟିଆ କଥା ନୁହେଁ। ଅତୀତରେ ଯେଉଁ ମହିଳାମାନେ ରାଜ୍ୟ ରାଜନୀତିରେ ସଫଳତାର ଶିଢ଼ି ଚଢ଼ିଛନ୍ତି ସେମାନଙ୍କର ବିରାଦରୀ ବା ଲିଗାସୀ ରହିଛି। ନନ୍ଦିନୀ ଶତପଥୀ ରାଜନୀତିକ ପରିବାରରୁ ଆସିଥିଲେ। ଭି ସୁଜ୍ଞାନୀ ଦେଓ ଥିଲେ ରାଜ ପରିବାର। କିନ୍ତୁ ପ୍ରମିଳା ଥିଲେ ଅତ୍ୟନ୍ତ ସାଧାରଣ ପରିବାରର। ତାଙ୍କ ପରିବାରରେ କେହି ଜଣେ ବଡ଼ ନେତା ନଥିଲେ। ଖାସ୍ ସେଇଥିପାଇଁ ଆମେ କହୁଛୁ ମହିଳା ସଶକ୍ତିକରଣର ବ୍ରାଣ୍ଡ ଆମ୍ବାସଡ଼ର ହେଉଛନ୍ତି ପ୍ରମିଳା।

# ନିଆଁ ଚେଙ୍ଗିଦେଲେ ପ୍ରଭାତୀ



ଏଠି ସିନା ବିଜେଡ଼ି-ବିଜେପି ଫଟା, ହେଲେ ମୋଦି-ନବୀନଙ୍କ ମନ କିନ୍ତୁ ଗୋଟା। ଦେଖୁନାହାନ୍ତି, ୨୦୨୪ରେ ନବୀନ ବାବୁଙ୍କ ବଢ଼ିଆ କ୍ରେଜ୍ ଥିଲା। ୨୦୨୨ରେ ପଞ୍ଚାୟତ ଓ ପୌରକୁ ଶଙ୍ଖସେନା ପୋଛି ନେଇଥିଲେ। ହେଲେ ପାଣ୍ଡିଆନଙ୍କ ବେପାରବଟା ଓ ରାଜନୀତିକ ସ୍ୱପ୍ନ ପାଇଁ ବିଜେଡ଼ି-ବିଜେପି ଏକାଠି ହେବାକୁ ଯୋଜନା କରିଥିଲେ। ବିଜେପିର ରାଇଜ ନେତାମାନେ ବିରୋଧ କରିବାକୁ ବାଧହୋଇ ମୋଦି-ଶାହ ଏହି ଯୋଜନାରୁ ଓହରିଗଲେ। ଅବଶ୍ୟ ପାଣ୍ଡିଆନଙ୍କ ଅଜବ ସର୍ତ୍ତକୁ କିଏ ବା ମାନିଥା'ନ୍ତା ? ସେତେବେଳେ ପାଣ୍ଡିଆନ୍ କହିଥିଲେ, ମେଣ୍ଟ ପାଇଁ ଆମେ ରାଜି, ହେଲେ ସରକାରରେ ନା ଏଠି ବିଜେପି ମନ୍ତ୍ରୀମଣ୍ଡଳରେ ରହିବ ନା ସେଠି ବିଜେଡ଼ି ମନ୍ତ୍ରୀମଣ୍ଡଳରେ ରହିବ। କାହିଁକିନା ବିଜେପି ନେତା ମନ୍ତ୍ରୀ ହେଲେ ଆଉ ପାଣ୍ଡିଆନଙ୍କ ୫ଟି ମଜବୁତ୍ ହୋଇପାରିନଥା'ନ୍ତା। ଏମିତି ସର୍ତ୍ତ କୁଆଡ଼େ ଓଡ଼ିଶା ବିଜେପି ନେତାଙ୍କୁ ଭାରି ବାଧିଥିଲା। ଇଏ ତ ଗଲା ୨୦୨୪ର କଥା। ବିଜେଡ଼ି କିଭଳି ଚିଟପଟାଙ୍ଗ ଦେଲା, ଓଡ଼ିଆ ଅସ୍ମିତାର ଗୁଗୁଲିରେ କ୍ଷମତାର ଛକା ମାରୁମାରୁ ନବୀନ କେମିତି କ୍ୟାଚଆଉଟ୍ ହୋଇଗଲେ ଆମେ ସମସ୍ତେ ଦେଖିଲେ। ୨୦୨୪ରେ ହାରିବା ପରେ ବି ନବୀନ ବାବୁ ଆଉ ପାଣ୍ଡିଆନଙ୍କର ବିଜେଡ଼ି ପ୍ରୀତି ଗଲାନି। ବର୍ଷେ କାଳ ନୀରବ ରହିବା ପରେ ଏବେ ବିଜେଡ଼ି ବାଲା ଚାଙ୍ଗା ହୋଇଯାଇଛନ୍ତି। ରାସ୍ତାକୁ ଓହ୍ଲାଇଛନ୍ତି। ହେଲେ ଆଜ୍ଞା ବିଜେଡ଼ି ଟାର୍ଗେଟ୍‌ରେ ମୋହନ ସରକାର ଅଛନ୍ତି। ମୋହନ ମାଝୀଙ୍କୁ ଟାର୍ଗେଟ୍ କରାଯାଉଛି। କିନ୍ତୁ ମୋଦିଙ୍କ ନାମ ନେଲାବେଳକୁ ସତେଯେମିତି ବିଜେଡ଼ି ବାଲାଙ୍କ ପାଟି କିଏ ରୁନ୍ଧି ଦେଇଛି। ଦେଢ଼ଶୁରଙ୍କ ନାଁ ଭାଇବୋହୂ ନନେବା ଭଳି ଏମାନେ ମୋଦିଙ୍କ ନାଁ ଧରୁନାହାନ୍ତି। ବିକ୍ଷୋଭ ବେଳେ ମୋଦିଙ୍କ ଫଟୋକୁ ଜାଳୁନାହାନ୍ତି। ହେଲେ ଏବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନବୀନଙ୍କ କୁଶ ପୁତ୍ତଳିକାରେ ନିଆଁ ଚେଙ୍ଗି ଚର୍ଚ୍ଚା ସୃଷ୍ଟି କରିଛନ୍ତି। ଯଦିଓ ବିଜେଡ଼ିର ଲୋକସଭାରେ ଖାତା କି ଖତିଆନ୍ ନାହିଁ ତଥାପିବି ନବୀନ ସୀମା ପୁନଃନିର୍ଦ୍ଧାରଣ ଓ ଆସନ ବୃଦ୍ଧିକୁ ନେଇ ଆପତ୍ତି ଉଠାଇଥିବାରୁ ବିଜେପି ଖପ୍ପା ହୋଇଯାଇଛି। ଏବେ ଦେଖିବାର ଅଛି, ବିଜେପି ତ ନବୀନଙ୍କ ପୁତ୍ତଳିକାରେ ନିଆଁ ଚେଙ୍ଗିଦେଲା, ବିଜେଡ଼ି ଏହାର ପାଲଟା ଜବାବରେ ମୋଦିଙ୍କ ପୁତ୍ତଳିକାରେ ନିଆଁ ଚେଙ୍ଗୁଛି କି ନାହିଁ?

# ଭାଙ୍ଗିଦେଲେ ଦାମଙ୍କ ପ୍ରତିମୂର୍ତ୍ତି

ଶିଆଳି ବେଳାଭୂମିରେ ଡାକ୍ତର ଦାମୋଦର ରାଉତଙ୍କ ପ୍ରତିମୂର୍ତ୍ତି ହୋଇଥିଲା । ପୁଣି ରାତି ଅଧିଆ ନୁହେଁ ମାସକ ତଳେ ପେଣ୍ଡାଲ କାମ ବି ସରିଥିଲା । ହେଲେ ଉନ୍ମୋଚନ ପୂର୍ବରୁ ପ୍ରତିମୂର୍ତ୍ତିକୁ ଭାଙ୍ଗି ଦେଇଛି ବନବିଭାଗ । ଯଦି ବନବିଭାଗର ଜାଗାରେ ପ୍ରତିମୂର୍ତ୍ତି ହୋଇଥିଲା, ତେବେ କାମ ଆରମ୍ଭ ପୂର୍ବରୁ ବିଭାଗ କଟକଣା ଲଗାଇ ପାରିଥା'ନ୍ତା । ବିଭାଗ ଯଦି ସେତେବେଳେ ପ୍ରତିବନ୍ଧକ ଲଗାଇନଥିଲା ତେବେ ଉନ୍ମୋଚନ ପୂର୍ବରୁ ଭାଙ୍ଗିବାଟା କେତେଦୂର ସମୀଚିନ ? ବନବିଭାଗ କହିପାରେ ଆଇନରେ ଏମିତି ଅଛି । ଠିକ୍ କଥା, ମନାନାହିଁ କିନ୍ତୁ ଆମର ପ୍ରଶ୍ନ ହେଉଛି, ଏନେଇ ବାଲିଯାତ୍ରା କମିଟିକୁ ନୋଟିସ୍ ଦିଆଯାଇପାରିଥା'ନ୍ତା । ପ୍ରତିମୂର୍ତ୍ତିକୁ ସେମାନେ ଅନ୍ୟତ୍ର ସ୍ଥାନାନ୍ତରିତ କରିପାରିଥା'ନ୍ତେ । ସେଭଳି ନକରି ଶାବଳରେ ମୂର୍ତ୍ତି ଭାଙ୍ଗି ଗୁଣ୍ଡ କରିବା କ'ଣ ନିହାତି ଦରକାର ଥିଲା ? ବନବିଭାଗ କର୍ମଚାରୀ ନିଜ ବୁଦ୍ଧିବିବେକ ଖଟାଇ ଏମିତି ନିଷ୍ପତ୍ତି ନେଇଛନ୍ତି ନା ଦଳୀୟ ଚାପ ପଡ଼ିଛି ତାହାକୁ ନେଇ ଚର୍ଚ୍ଚା ହେବା ସ୍ୱାଭାବିକ ।

ଡାକ୍ତର ଦାମୋଦର ରାଉତ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଜଗତସିଂହପୁର ରାଜନୀତିକୁ ହାତମୁଠାରେ ରଖିଥିଲେ । ଏରସମାର ବିକାଶରେ ଦାମଙ୍କ ଅବଦାନକୁ କେହି ଭୁଲିପାରିବେନି





। ୧୯୯୯ ମହାବାତ୍ୟାରେ ଶିଆଳିରେ ଖୋଲିଥିବା ମୁହାଣକୁ ବାଲିରେ ପୋତିବାକୁ ସେ ପଦକ୍ଷେପ ନେଇଥିଲେ । ପରେପରେ ଶିଆଳି ବେଳାଭୂମି ଲୋକଙ୍କୁ ଆକର୍ଷିତ କରିଥିଲା । କିନ୍ତୁ ଦାମଙ୍କ ପ୍ରତି ବନବିଭାଗର ଏଭଳି ମନୋଭାବକୁ ନେଇ ଏବେ ଉତ୍ତେଜନା ପ୍ରକାଶ ପାଇଛି ।

# ସଂରକ୍ଷଣ ହଟିଲେ ଦମ୍‌ଦାର ଲଢ଼େଇ

**ଜଗତସିଂହପୁର/ରଘୁନାଥପୁର**
**(ସ୍ୱତନ୍ତ୍ର ପ୍ରତିନିଧିଙ୍କ ରିପୋର୍ଟ)**

ପଞ୍ଚାୟତ ନିର୍ବାଚନ ପାଇଁ ଆରମ୍ଭ ହୋଇଗଲାଣି ସମରସଜ୍ଜା। ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରଘୁନାଥପୁର ଜୋନ୍-୨ରେ ରାଜନୀତିକ ତାତି ପରିଲକ୍ଷିତ ହେଲାଣି। ଏବେ ସମସ୍ତଙ୍କର ନଜର ରହିଛି ସଂରକ୍ଷଣ ବିଜ୍ଞପ୍ତି ଉପରେ। ଆଉ ଦୁଇ ସପ୍ତାହ ମଧ୍ୟରେ ଏହା ସ୍ପଷ୍ଟ ହୋଇଯିବ। ଗତଥର ଏହି ଜୋନ୍‌ଟି ହରିଜନ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିଲା। ସାଧାରଣତଃ ଉପକୂଳ ଅଞ୍ଚଳରେ ପଞ୍ଚାୟତ ନିର୍ବାଚନରେ ସଂରକ୍ଷିତ ଆସନରେ ସେମିତି ଦମଦାର ଲଢ଼େଇ ଦେଖିବାକୁ ମିଳିନଥାଏ। ଯଦି ସଂରକ୍ଷଣ ହଟିଯାଏ ତେବେ ଜମାଣିଆ ଲଢ଼େଇ ଦେଖିବାକୁ ମିଳିବ ବୋଲି କୁହାଯାଇପାରିବ।

ରଘୁନାଥପୁର ବ୍ଲକର ୧୦ ଗୋଟି ପଞ୍ଚାୟତ ବିଦ୍ୟାଧରପୁର, ଛପଡ଼ା, ଏରଡଙ୍ଗା, ପୁରୁଣାବସନ୍ତ, ରେଢୁଆ, ତଅଁରା, ଚିକିଣିଆ, ରାଢ଼ଙ୍ଗ, ଅଢେଇକୁଳ, ସାଦେଇପୁରକୁ ନେଇ ଜିଲ୍ଲା ପରିଷଦ ଜୋନ୍-୨ ଗଠିତ୍। ଏହି ଜୋନର ରାଜନୀତି ବିଧାନସଭା ନିର୍ବାଚନମଣ୍ଡଳୀ ରାଜନୀତିକୁ ବି ପ୍ରଭାବିତ କରିଥାଏ। ଗତଥର ଏହି ଜୋନଟି ହରିଜନ ମହିଳା ଙ୍କ ପାଇଁ ସଂରକ୍ଷିତ ଥିବାବେଳେ ବିଜେଡିର ଜିଲ୍ଲାପରିଷଦ ପ୍ରାର୍ଥୀନୀ ଇତିଶ୍ରୀ ମଲ୍ଲିକ ନିକଟତମ ପ୍ରତିଦ୍ୱନ୍ଦୀ ବିଜେପିର ଲିପିକା ମଲ୍ଲିକଙ୍କୁ ହରାଇ ବିଜୟ ଲାଭ କରିଥିଲେ। ସେପଟେ କଂଗ୍ରେସର ପ୍ରାର୍ଥୀନୀ କନକଲତା ସେଠୀ ଦଳର ସ୍ଥିତି ବଞ୍ଚାଇବା ପାଇଁ ଲଢେଇ କରୁଥିଲେ।

କିନ୍ତୁ ଏଥର ନିର୍ବାଚନ ବିଜ୍ଞପ୍ତି ବାହାରିବା







ପୂର୍ବରୁ ରାଜନୀତିକ ଉଷ୍ମତା ଦେଖିବାକୁ ମିଳିଛି। ଶାସକ ବିଜେପି ଦଳରୁ ବିଜେପି ଯୁବମୋର୍ଚ୍ଚାର ପୂର୍ବତନ ଜିଲ୍ଲା ସଭାପତି ତଥା ୨୦୧୭ରେ ଜିଲ୍ଲାପରିଷଦ ପ୍ରାର୍ଥୀ ହୋଇ ଖୁବକମ ବ୍ୟବଧାନରେ ପରାସ୍ତ ହୋଇଥିବା ମାନସ କୁମାର ମହାପାତ୍ର (ସାଇ) ଟିକେଟ୍ ରେସରେ ରହିଛନ୍ତି। ମାନସଙ୍କୁ ପୁଣିଥରେ ପ୍ରାର୍ଥୀ କରିବା ପାଇଁ ସ୍ଥାନୀୟ ଲୋକେ ଓ ବିଜେପି କାର୍ଯ୍ୟକର୍ତ୍ତାମାନେ ଆଲୋଚନା କରୁଛନ୍ତି। ଶ୍ରୀ ମହାପାତ୍ରଙ୍କ ୧୦ ଗୋଟି ପଞ୍ଚାୟତରେ ନିଜସ୍ୱ ସଂଗଠନ ରହିଛି। ଅପରପକ୍ଷରେ ଜୋନର ସଭାପତି ବାନୋଜ ନାୟକ ବର୍ତ୍ତମାନ ଜୋନ୍‌ରେ ସ୍ଥିର ସଂଗଠନ କରିବାରେ ଅସମର୍ଥ ହୋଇଛନ୍ତି। ସେହିପରି ବିଜେପି ବିଧାୟକ ଟିକେଟ ଆଶାୟୀ ଯୁବନେତା ଡଃ ପ୍ରକାଶ ଚନ୍ଦ୍ର ଦଳାଇଙ୍କ ଏହା ନିଜସ୍ୱ ଜୋନ୍। ତେଣୁ ବିଜେପି ଏହାର ଫାଇଦା ନେବବୋଲି ଅନୁମାନ କରାଯାଉଛି। ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ରଙ୍କ ବାରମ୍ବାର ସାଂଗଠନିକ ପ୍ରବାସ, ସାଂସଦ ଡ଼ଃ ବିଭୁ ପ୍ରସାଦ ତରାଇଙ୍କ ଗସ୍ତ ନିଶ୍ଚିତ ଭାବେ ୧୦ଟି ପଞ୍ଚାୟତରେ ବିଜେପିକୁ ଧିରେଧିରେ ଶକ୍ତିଶାଳୀ କରୁଛି। ସମସ୍ତ ପଞ୍ଚାୟତରେ ସରପଞ୍ଚ, ସମିତିସଭ୍ୟ ସହ ଜିଲ୍ଲା ପରିଷଦ ପ୍ରାର୍ଥୀ ବିଜୟୀ ହେବେବୋଲି ବିଜେପି ମଣ୍ଡଳ ଉପ-ସଭାପତି ସଞ୍ଜୀୟ ଖୁଣ୍ଟିଆ ସୂଚନା ଦେଇଛନ୍ତି।

**ତିର୍ତ୍ତୋଲ: ରଘୁନାଥପୁର ଜୋନ୍-୨**

ଅନ୍ୟପଟେ ମୁଖ୍ୟ ବିରୋଧୀ ଦଳ ତଥା ବିଜୁ ଜନତା ଦଳରେ ଏକାଧିକ ଆଶାୟୀ ରହିଛନ୍ତି। ବର୍ତ୍ତମାନ ରେଢୁଆ ପଞ୍ଚାୟତର ସମିତିସଭ୍ୟ ବିଶ୍ୱଜିତ୍ ଦାଶ (ଗୋପାଳ)ଙ୍କ ନାଁ ଅଧିକ ଚର୍ଚ୍ଚାରେ ରହିଛି। ଶ୍ରୀ ଦାଶ ନିଜ ପଞ୍ଚାୟତକୁ ଛାଡ଼ିଲା ପରେ ଅନ୍ୟ ପଞ୍ଚାୟତରେ ଯୁବଗୋଷ୍ଠୀଙ୍କୁ ଧରି ସଂଗଠନ କରୁଛନ୍ତି। ଜିଲ୍ଲା ବିଜେଡି ସଭାପତି ଓ ବ୍ଲକ ବିଜେଡି ସଭାପତିଙ୍କ ସହ ତାଙ୍କର ଉତ୍ତମ ସମ୍ପର୍କ ପାଇଁ ଦଳ ତାଙ୍କୁ ଟିକେଟ ଦେବ ବୋଲି ସେ ଆଶାବାଦୀ ଅଛନ୍ତି। କିନ୍ତୁ ଗତ ରାଜ୍ୟସଭା ନିର୍ବାଚନରେ ତିର୍ତ୍ତୋଲ ବିଧାୟକ ଡଃ ରମାକାନ୍ତ ଭୋଇଙ୍କ କ୍ରସ୍ ଭୋଟିଂ ପରେ ତାଙ୍କୁ ହେଉଥିବା ବିରୋଧ ପ୍ରଦର୍ଶନରୁ ଦେଖିଲେ ଜଣାପଡୁଛି କି ବିଜେଡି ଏବେ ଦୁଇଫାଳ ହୋଇଯାଇଛି। ତେବେ ଏହାର କିଛି ପ୍ରଭାବ ପଡ଼ିବ ନାହିଁ, ଶଙ୍ଖ ଚିହ୍ନ ଏବେବି ଲୋକପ୍ରିୟ ରହିଛି ବୋଲି ରଘୁନାଥପୁର ବ୍ଲକ ଛାତ୍ର ବିଜେଡିର କାର୍ଯ୍ୟକାରୀ ସଭାପତି ଇଂ ରାଜେଶ କୁମାର ମିଶ୍ର କହିଛନ୍ତି।

ଅପରପକ୍ଷେ କଂଗ୍ରେସ ଏବେ ପୂର୍ବଶକ୍ତି ହରାଉଛି। କିନ୍ତୁ ସମ୍ପୂର୍ଣ୍ଣ ଅଦୃଶ୍ୟ ହୋଇନାହିଁ। ତିର୍ତ୍ତୋଲ ବିଧାୟକଙ୍କ ବିରୋଧରେ ଥିବା କିଛି ସକ୍ରିୟ ନେତାଙ୍କ ଉପରେ କଂଗ୍ରେସ ଦଳ ନଜର ରଖିଛି। ଛାତ୍ର କଂଗ୍ରେସର ପୂର୍ବତନ ଜିଲ୍ଲା ସଭାପତି ସାଇ ପ୍ରଭଞ୍ଜନ ମହାପାତ୍ରଙ୍କ ନାମ ଜିଲ୍ଲାପରିଷଦ ପାର୍ଥୀ ପାଇଁ ଅଧିକ ଚର୍ଚ୍ଚା ହେଉଛି। କିନ୍ତୁ ଶ୍ରୀ ମହାପାତ୍ର କହିଛନ୍ତି କି କଂଗ୍ରେସ ଦଳ ହେଉଛି ସର୍ବପୁରାତନ ରାଜନୀତିକ ଦଳ। ଯାହାର ସବୁ ନିଷ୍ପତ୍ତି ରାଜ୍ୟ ହାଇକମାଣ୍ଡ, ଜିଲ୍ଲା ସଭାପତି, ସ୍ଥାନୀୟ ବିଧାୟକ ପାର୍ଥୀଙ୍କ ପାଖରୁ ହିଁ ହୋଇଥାଏ ଦଳ ଯାହାକୁ ପ୍ରାର୍ଥୀ କରିବ ଆମେ ସମସ୍ତେ ମିଶି ଜିତେଇବୁ ବୋଲି ତାଙ୍କର ମତ ପରିପ୍ରକାଶ କରିଛନ୍ତି।

ତେବେ ମୁଖ୍ୟ କଥା ହେଉଛି ଏହି ସିଟଟି ସଂରକ୍ଷିତ ହେଉଛି ନା ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ହେଉଛି, ତାହା ଉପରେ ଅନେକ କିଛି ନିର୍ଭର କରେ। ତାହା ସ୍ପଷ୍ଟ ହେଲେ ନିଶ୍ଚିତ ଭାବେ ଆହୁରି ଆଶାୟୀଙ୍କ ସଂଖ୍ୟା ବଢିଯିବ।

ହାଇକୋର୍ଟର ବରିଷ୍ଠ ଆଇନଜୀବୀ ତଥା ରାଜନୀତିକ ସମୀକ୍ଷକ କମଳାକାନ୍ତ ତ୍ରିପାଠୀ କହିଛନ୍ତି, ଏହି ୧୦ ପଞ୍ଚାୟତବାସୀ ସ୍ୱାଭିମାନୀ। ତେଣୁ ଆଗାମୀ ନିର୍ବାଚନ ଦଳ ନୁହେଁ, ଲୋକଙ୍କ ସହ ଉତ୍ତମ ସମ୍ପର୍କ ରଖିଥିବା ବ୍ୟକ୍ତି ହିଁ ବିଜୟ ଲାଭ କରିବେ। ସମସ୍ତ ତିନିଗୋଟି ପ୍ରମୁଖ ଦଳକୁ ଅଧିକ ପରିଶ୍ରମ କରିବାକୁ ପଡିବ। ବିଶେଷ କରି ଶାସକ ଦଳ ବିଜେପିକୁ ଅଧିକ ପରିଶ୍ରମ କରିବା ସହ ୱାର୍ଡସ୍ତରରେ ଅଧିକ କ୍ରିୟାଶୀଳ ହେବାକୁ ପଡ଼ିବ ବୋଲି ସେ ମତପୋଷଣ କରିଛନ୍ତି।

ଦୁନିଆଟା ଆଞ୍ଚା ଭୂତାଭୂତିରେ ଚାଲିଛି । କାମ ସରିଗଲେ ସଭିଏଁ ଏଠି ଅଲୋଡ଼ା । ଆମ ଓଡ଼ିଆରେ କୁହନ୍ତି, ବାୟୁ ଚାଲିଗଲେ ପଚ୍ଛ ଉସୁଆସିଆ । ଠିକ୍ ସେମିତି ଦିନେ ଆର୍ଥିକ ଦୂରାବସ୍ଥା କାରଣରୁ ନିୟମିତ ନିଯୁକ୍ତି ବଦଳରେ ସରକାର ଠିକା ନିଯୁକ୍ତି ବା ଆଉଟସୋର୍ସିଂ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କଲେ । କାମ ପ୍ରବଳ, ହେଲେ ମଜୁରୀ ଦୁର୍ବଳ । ଦଶ ପନ୍ଦର ବର୍ଷ ଗୋଟିଏ ସ୍ଥାନରେ କାମ କରିବା ପରେ ଜଣେ ଭାବିନିଏ ଧିରେଧିରେ ତା'ର ମଜୁରୀ ବଢ଼ିବ, ଭାତିଆ ବଢ଼ିବ, ଆଉ କିଛି ସୁବିଧା ସୁଯୋଗ ମିଳିବ । ହେଲେ ସେ ଯେବେ ଶୁଣେ, କାଲିକି ତା'ର ଚାକିରୀ ନାହିଁ ବୋଲି । ଭାବିଲେ ମନ କେମିତି ରୁନ୍ଧି ହୋଇଯାଇଥିବ ? ଓଡ଼ିଶାର ହଜାର ହଜାର ଆଉଟସୋର୍ସିଂ କର୍ମଚାରୀଙ୍କ ଅବସ୍ଥା ଆଞ୍ଚା ଏଇଆ... ।

ସେପଟେ ସର୍ବୋଚ୍ଚ ନ୍ୟାୟାଳୟ ସମାନ କାମକୁ ସମାନ ଦରମା ବୋଲି ରାୟ ଦେବା ପରେ ଆମ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ କର୍ମଚାରୀଙ୍କୁ ସର୍ବନିମ୍ନ ଦରମା ୪୦ ହଜାର ପ୍ରଦାନ କରୁଛି । ହରିୟାଣା, ତେଲେଙ୍ଗାନା ଆଉଟସୋର୍ସିଂ କର୍ମଚାରୀଙ୍କୁ ନିୟମିତ କରୁଥିବା ବେଳେ ଓଡ଼ିଶାରେ ମଧ କିଛି ବିଭାଗରେ ଏହି କର୍ମଚାରୀଙ୍କୁ ସ୍ଥାୟୀ କରାଯାଉଛି । ଏଇଯେମିତି; ଅର୍ଥ, ଉଚ୍ଚଶିକ୍ଷା, ସାଧାରଣ ପ୍ରଶାସନ (ଖଜଣା),ମସ୍ୟ ଓ ପଶୁ ସଂପଦ, ହସ୍ତତନ୍ତ ଓ ବୟନ ଶିଳ୍ପ,ଇସ୍ପାତ, ବାଣିଜ୍ୟ ଓ ଆଇନ ବିଭାଗ ଇତ୍ୟାଦି । ତଥାପିବି ହଜାର ହଜାର କର୍ମଚାରୀ ଭାଗ୍ୟକୁ ଆଦରି ପଡ଼ିବା ସହ ଆଶା ଆଶଙ୍କାରେ ବଞ୍ôଚ ରହିଛନ୍ତି । ଆଶା ମୁଖ୍ୟମନ୍ତ୍ରୀ ସେମାନଙ୍କ ଗୁହାରୀ ଶୁଣିବେ ।

# ଆଉଟସୋର୍ସିଂ କର୍ମଚାରୀଙ୍କ ଦୁଃଖ

## ଶୁଣ ହେ ସରକାର...





### କ'ଣ ରହିଛି ଦାବି

- ଦୀର୍ଘ ବର୍ଷର କାର୍ଯ୍ୟ ଦକ୍ଷତା ଓ ଅଭିଜ୍ଞତାକୁ ଭିତ୍ତି କରି ଚାକିରୀରେ ସ୍ଥାୟୀ ମାନ୍ୟତା ଦେବା ।
- ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସମାନ କାମକୁ ସମାନ ବେତନ ସହ ଚାକିରୀରେ ନିରାପତ୍ତା
- ଅଧିକାରୀଙ୍କ ରୋଷରେ, ବିନା ଦୋଷରେ ଚାକିରୀ ହରାଇଥିବା ଲୋକଙ୍କୁ ପୁନଃ ଥଇଥାନ



ଗୋଟେ ସରକାର ୨୪ ବର୍ଷ ରହିଲା, ନିଯୁକ୍ତି ଘର ନିଲ । ଚାକିରି ସୃଷ୍ଟି କରିବା ବଦଳରେ କେବଳ ଅବସର ନେଉଥିବା ନିଜ ଲୋକଙ୍କୁ ନିଯୁକ୍ତି ଦେଲେ । ଏବେ ନୂଆ ବିଜେପି ସରକାର ତ କିଛି କରୁନି । ରାଜ୍ୟରେ ଏବେ ଶାସନ ଚାଲିଛି ବୋଲି ଲୋକେ ଜାଣିପାରୁନାହାନ୍ତି । ଆଉଟ୍ ସୋର୍ଶି ନା ରେ ଯୁବପୀଢ଼ିଙ୍କୁ କେବଳ ସ୍ୱପ୍ନ ଦେଖାଉଛନ୍ତି । ସେମାନଙ୍କ ଦାବି ଯୁକ୍ତିଯୁକ୍ତ । କଂଗ୍ରେସ ସବୁବେଳେ ସେଇ ଅବହେଳିତ କର୍ମଚାରୀଙ୍କ ସାଙ୍ଗରେ ଥିଲା ଅଛି ଓ ରହିବ ।

**ତାରା ବାହିନୀପତି, କଂଗ୍ରେସ ବିଧାୟକ**



ମୋହନ ସରକାର ନିଯୁକ୍ତି ଦେଉଛନ୍ତି ବୋଲି ଡିଣ୍ଡିମ ପିଟୁଛନ୍ତି । କିନ୍ତୁ ବାସ୍ତବତା ଠିକ୍ ଓଲଟା । ସରକାର କେବଳ ମିଛ ଭେଳିକି ଦେଖାଇବାରେ ମାହିର । ଏବେବି ବର୍ଷ ବର୍ଷ ଧରି ସ୍ୱଳ୍ପ ପାରିଶ୍ରମିକରେ ଅନେକ କର୍ମଚାରୀ ଆଉଟସୋର୍ସିଂରେ କାମ କରୁଛନ୍ତି । ସେମାନଙ୍କ ଦାବିକୁ ଅଣଦେଖା କରାଯାଉଛି । ବାରବାର ମିଛ ପ୍ରତିଶ୍ରୁତି ଦେଇ ପ୍ରତାରଣା କରୁଛନ୍ତି । ହଜାର ହଜାର କର୍ମଚାରୀଙ୍କ ଭବିଷ୍ୟତକୁ ଦୃଷ୍ଟିଦେଇ ସରକାର ପଦକ୍ଷେପ ନେବା ଦରକାର ।

**ଗୌତମବୁଦ୍ଧ ଦାସ, ବିଜେଡ଼ି ବିଧାୟକ**

### ପ୍ରଦୀପ ପ୍ରଧାନ



ଆଉଟସୋର୍ସିଂ କର୍ମଚାରୀମାନେ ନିୟମିତ କର୍ମଚାରୀଙ୍କ ତୁଳନାରେ ଯଥେଷ୍ଟ କମ୍ ପାରିଶ୍ରମିକ ପାଉଛନ୍ତି, ଯାହା ଆଉଟ ସୋରସିଂ କର୍ମଚାରିଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିବା ସହ ସେମାନଙ୍କ ମନୋବଳକୁ କ୍ଷୁଣ୍ଣ କରୁଛି । କାର୍ଯ୍ୟ ଏବଂ ଦାୟିତ୍ୱ ସମାନ ହୋଇଥିଲେ ସୁଦ୍ଧା ଏହି ବ୍ୟବଧାନ ସରକାରୀ କାର୍ଯ୍ୟାଳୟ ମଧ୍ୟରେ ଅସମାନତାକୁ ପ୍ରତିଷ୍ଠିତ କରୁଛି ସେଥିପାଇଁ ସମାନ କାମ ପାଇଁ ସମାନ ଦରମା ମିଳିବା ଉଚିତ ।

**ସଭାପତି, ଗ୍ରାମ୍ୟ କୃଷି କର୍ମଚାରୀ ସଙ୍ଘ**

### ପ୍ରଭାତ ମହାନ୍ତି



ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ର ଅଭାବ, ନିଯୁକ୍ତି ନିମନ୍ତେ ତତକାଳିନ କଟକଣା ଯୋଗୁ ଆଉଟ୍ ସୋର୍ଶି ବ୍ୟବସ୍ଥାରେ ଛନ୍ଦି ହୋଇଥିବା ହଜାର ହଜାର କର୍ମଚାରି ଏବେବି ସରକାର୍ ଙ୍କ ଉପରେ ବିଶ୍ୱାସ ଓ ଭରସା ରଖିଛନ୍ତି , ନ୍ୟାୟ ମିଳିବ । କିନ୍ତୁ ବିଳମ୍ବିତ ନ୍ୟାୟ ନ୍ୟାୟ ନୁହେଁ , ତୁରନ୍ତ ଛଟେଇ କର୍ମଚାରୀଙ୍କୁ ଚାକିରୀରେ ପୁନଃ ନିଯୁକ୍ତି ଓ ସେବା ଯୋଗାଇ ଥିବା ଅସହାୟ କର୍ମଚାରୀଙ୍କୁ ସ୍ଥାୟୀ କରି ଇତିହାସ ରଚନ୍ତୁ ସରକାର୍ ।

**ଅଧ୍ୟକ୍ଷ, ଓଡ଼ିଶା ସରକାରୀ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘ**

### ବିଜୟ୍ ମଲ୍ଲ



ଯେତେବେଳେ ଓଡ଼ିଶାର ଆର୍ଥିକ ଅବସ୍ଥା ଖରାପ ଥିଲା ନିୟମିତ ନିଯୁକ୍ତି ବାହାରୁନଥିଲା, ସେହି ସମୟରେ ଆଉଟସୋସିଂ କର୍ମଚାରୀମାନେ ଦୀର୍ଘବର୍ଷ ଧରି ସେବା ଯୋଗାଇ ଆସୁଛନ୍ତି ଏବେ ଆର୍ଥିକ ବଳକା ହେଲା ପରେ ଏହି କର୍ମଚାରୀଙ୍କ କଥା ରାଜ୍ୟ ସରକାର ଆଗେ ବିଚାର କରିବା କଥା ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ସମାନ କାମକୁ ସମାନ ଦରମା ସହିତ ଆମ ପଡୋଶୀ ରାଜ୍ୟ ୱେଷ୍ଟବେଙ୍ଗଲ କର୍ମଚାରୀଙ୍କୁ ୪୦ ହଜାର ବେତନ ପ୍ରଦାନ କରିଛି ତାହା ସହିତ ବିଭିନ୍ନ ରାଜ୍ୟ ଯଥା ହରିୟାଣା , ତେଲେଙ୍ଗାନା ଆଉଟସୋସିଂ କର୍ମଚାରୀଙ୍କୁ ନିୟମିତ କରୁଥିବା ବେଳେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଯେଉଁ ପ୍ରତିଶୃତି ଦେଇଛନ୍ତି ତାହାକୁ ନିଶ୍ଚୟ ପୂରଣ କରିବେ ବୋଲି ଆମର ଆଶା ଓ ଭରସା

**ସଭାପତି, ଓଡିଶା ସରକାରୀ ମିଳିତ କର୍ମଚାରୀ ମହାସଂଘ ତଥା ମୁଖ୍ୟ ଉପଦେଷ୍ଟା, ଆଉଟସୋସିଂ ମହାସଂଘ**

### ଯୁଗନମୟୀ ଦାଶ



ଓଡିଶା ରେ ନିଯୁକ୍ତି କଟକଣା ଥିଲାବେଳେ ସରକାରଙ୍କର ବିଭିନ୍ନ ଯୋଜନା କୁ ସଫଳ ରୂପାୟନକରିବାରେଶୌଚାଳୟଠାରୁସଚିବାଳୟ ପର୍ଯ୍ୟନ୍ତ ସମସ୍ତ ଆଉଟ ସୋରସିଂ କର୍ମଚାରୀ ମାନେ ସ୍ୱଳ୍ପ ଦରମାରେ ସହାୟକ ହୋଇଥାନ୍ତି ବେଳେବେଳେ କିଛି ଅଧିକାରୀ ଏକଚାଟିଆ ମାନଭାବରେ ଦୀର୍ଘ ଦିନ ଧରି କାର୍ଯ୍ୟ କରୁଥିବା ଆଉଟ ସୋର୍ସି କର୍ମଚାରୀଟିକୁ ବିନା ଦୋଷରେ ଛଟେଇ କରିଦେଉଛନ୍ତି ଯାହାଦ୍ୱାରା କର୍ମଚାରୀ ମାନେ ଶୋଷିତ ହେଉଛନ୍ତି । ଏକ ନିର୍ଦ୍ଦିଷ୍ଟ ନୀତି ନିୟମ ପ୍ରଣୟନ ର ଆବଶ୍ୟକ ହେଉଛି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି ।

**ସଭାପତି, ଅନୁଗୁଳ ଜିଲ୍ଲା ଓଡିଶା ସରକାରୀ ଆଉଟ ସୋରସିଂ ମହାସଂଘ,**

### ଅଜୟ୍ କୁମାର ସ୍ୱାଇଁ



ତତ୍କାଳୀନ ଆର୍ଥିକ ଦୂରାବସ୍ଥାକୁ ସୁଧାରିବାକୁ ଯାଇ ଓଡିଶା ସରକାର ସମୁଦାୟ ସ୍ଥାୟୀ ନିଯୁକ୍ତି ପ୍ରକ୍ରିୟାକୁ ବନ୍ଦ କରିଦେବା ବେଳେ ସରକାରୀ କାମରେ ପ୍ରତିବନ୍ଧକକୁ ଦୂର କରିବା ପାଇଁ ପରେ ଏକ ଅବାଞ୍ଛିତ ବ୍ୟବସ୍ଥା ବା ତୃତୀୟପକ୍ଷ ନିଯୁକ୍ତି ଦେବା ପାଇଁ ଅଣ୍ଟା ଭିଡିଥିଲେ । ସେହି ସମୟର ଶିକ୍ଷିତ ଯୁବକ ଯୁବତୀମାନେ କର୍ମ ନିଯୁକ୍ତି ପାଇଁ ଯଥେଷ୍ଟ ସୁବିଧା ଓଡିଶାରେ ପାଇନଥିଲେ । ସେଥିପାଇଁ ଏହି ବ୍ୟବସ୍ଥାକୁ ଆପଣେଇ ନେଇଥିଲେ । ଏବେ ପ୍ରଗତିଶୀଳ ଓଡିଶା ସରକାର ଆର୍ଥିକ ବଳକା ରାଜ୍ୟ ଭାବେ ପରିଗଣିତ ହେଉଥିବା ସମୟରେ ଏପରି କୁତ୍ସିତ ପରମ୍ପରାର ଅବସାନ ଘଟିବା ଉଚିତ । ତେଣୁ ସରକାରଙ୍କୁ ଆମର ନିବେଦନ, ଦୀର୍ଘ ବର୍ଷ ଧରି ସ୍ୱଳ୍ପ ବେତନରେ କାମ କରୁଥିବା ଆଉଟସୋର୍ସିଙ୍ଗ କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରି ଏ ପ୍ରଥାର ବିଲୋପ କରନ୍ତୁ । ଧନ୍ୟବାଦ । ଜୟହିନ୍ଦ ।

**ପୂର୍ବତନ ସଭାପତି,ଓଡିଶା ସଚିବାଳୟ ସେବାସଙ୍ଘ**



# ରାଘବ ଚଢ଼ା ୦୦୭ ଝାଡୁ ଫିଙ୍ଗି ଫୁଲ ଧରିଲେ

ରାଘବ ଚଢ଼ାଙ୍କ ସିକ୍ରେଟ୍ ସେଭେନ ମିଶନ ଏବେ ଜାତୀୟ ରାଜନୀତିରେ ଆଲୋଡ଼ନ ସୃଷ୍ଟିକରିଛି । ଏକଦା ବିଜେପିକୁ ଧୋଉଥିବା ଚଢ଼ା ଏବେ ବିଜେପିର ୱାସିଂ ମେସିନ୍‌ରେ ପଶି ଯାଇଛନ୍ତି । ଖାଲି ସେ ନୁହଁନ୍ତି, ଦଳର ୭ ସାଂସଦଙ୍କୁ ନେଇ ସେ ଅରବିନ୍ଦ କେଜ୍ରିୱାଲଙ୍କୁ ଜୋରଦାର ଝଟକା ବି ଦେଇଛନ୍ତି । ଗାଏମୋଟ୍ କହିଲେ ଆପର ୧୦ ସାଂସଦଙ୍କ ମଧ୍ୟରୁ ୭ ସାଂସଦ ବିଜେପିକୁ ଯାଇଥିବାରୁ ଦଳବଦଳ ନିରୋଧୀ ଆଇନ୍ ବି ଲାଗୁ ହୋଇପାରିବନି ।

**ରାଘବ ଚଢ଼ା:** ଏକଦା ରାଘବ ଥିଲେ ଅରବିନ୍ଦ କେଜ୍ରିୱାଲଙ୍କ ଅତ୍ୟନ୍ତ ଘନିଷ୍ଠ ସହଯୋଗୀ । ପଞ୍ଜାବରେ ଆପକୁ କ୍ଷମତାକୁ ଆଣିବାରେ ବି ତାଙ୍କର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରହିଛି । ତେବେ ବିଗତ କିଛି ମାସ ଧରି ସେ କିନ୍ତୁ ଆପ ସହ ନଥିଲେ । ଯେଉଁଥିପାଇଁ ନିକଟରେ ତାଙ୍କୁ ଆପର ଉପନେତା ପଦରୁ ବିଦା କରାଯାଇଥିଲା । ବିଜେପିର ଏହି ଅପରେସନ ଲୋଟସରେ ରାଘବ ଗୁପ୍ତରେ ଗୋଟିଚାଳନା କରୁଥିଲେ । ତାଙ୍କ ନେତୃତ୍ୱରେ ହିଁ ୭ ସାଂସଦ ଦଳ ଛାଡ଼ିଛନ୍ତି ।

**ଅଶୋକ ମିତ୍ତଲ:** ରାଘବ ଦଳର ଉପନେତା ପଦରୁ ବିଦା ହେବା ପରେ ଅଶୋକ ମିତ୍ତଲ ହିଁ ତାଙ୍କ ସ୍ଥାନ ନେଇଥିଲେ । ଅଶୋକ ଜଣେ ବ୍ୟବସାୟୀ ହୋଇଥିବାବେଳେ ଲଭଲି ପ୍ରଫେସନାଲ ୟୁନିଭର୍ସିଟିର ପ୍ରତିଷ୍ଠାତା । ୨୦୨୨ରେ ସେ ଆପରେ ଯୋଗଦେଇ ରାଜ୍ୟସଭାକୁ ଯାଇଥିଲେ । ଗତ ସପ୍ତାହରେ ତାଙ୍କର ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଘନଘନ ଇଡ଼ି ଚଢ଼ାଉ ହୋଇଥିଲା ।

**ସ୍ୱାତୀ ମାଲିୱାଲ:** କେଜ୍ରିୱାଲଙ୍କ ଘନିଷ୍ଠ ସହଯୋଗୀ ଥିବା ସ୍ୱାତୀ ଗତ ୨୦୨୪ ପରଠାରୁ ଆପକୁ ବିଭିନ୍ନ ସମୟରେ ସମାଲୋଚନା କରି ଆସୁଥିଲେ । କେଜ୍ରିୱାଲଙ୍କ ବ୍ୟକ୍ତିଗତ ସହାୟକ ବିଭବ କୁମାର ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଦୁର୍ବ୍ୟବହାର କରିଥିବାର ଅଭିଯୋଗ ଆଣିଥିଲେ । କେଜ୍ରିୱାଲ ଗିରଫ ହେବାପରେ ସେ ଦିଲ୍ଲୀରେ ରହୁନଥିଲେ । ଏମିତିକି ଶୀଶମହଲ ବିବାଦରେ ସେ କେଜ୍ରିୱାଲଙ୍କୁ ବି ଘେରିଥିଲେ ।

**ସନ୍ଦୀପ ପାଠକ:** ସନ୍ଦୀପ ପାଠକ ବେଶ୍ ଉଚ୍ଚଶିକ୍ଷିତ । କେମ୍ବ୍ରିଜ୍ ଓ ଅକ୍ସଫୋର୍ଡ଼ରେ ସେ ପିଏଚଡ଼ି କରିଛନ୍ତି । ୨୦୨୦ ଦିଲ୍ଲୀ ନିର୍ବାଚନ ଓ ୨୦୨୨ ପଞ୍ଜାବ ନିର୍ବାଚନର ରଣନୀତି କରିଥିଲେ । ଯେଉଁଥିପାଇଁ ଦଳ ତାଙ୍କୁ ରାଜ୍ୟସଭାକୁ ପଠାଇଥିଲା ।

**ହରଭଜନ ସିଂ:** ହରଭଜନଙ୍କୁ ସାରା ଭାରତ ଜାଣିଛି । ପଞ୍ଜାବରେ ବି ସେ ବେଶ୍ ଲୋକପ୍ରିୟ । ସେ ଥିଲେ ପଞ୍ଜାବ ଆମ ଆଦମୀ ପାର୍ଟିର ବଡ଼ ସେଲିବ୍ରିଟି । ପଞ୍ଜାବ ନିର୍ବାଚନ ପୂର୍ବରୁ ଏହା ଦଳକୁ ବଡ଼ ଝଟକା ବୋଲି କୁହାଯାଉଛି ।

**ବିକ୍ରମ ସାହନେ:** ବିକ୍ରମ ସାହନେ ହେଉଛନ୍ତି ସନ ଗ୍ରୁପ୍‌ର ମୁଖ୍ୟ । ସେ ପଦ୍ମଶ୍ରୀ ବି ପାଇଛନ୍ତି । ୨୦୨୨ରେ ସେ ଆପ୍ ଟିକେଟ୍‌ରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ । ଦଳର ନୀତି ନିର୍ଦ୍ଧାରଣରେ ବି ସେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ ।

**ରାଜିନ୍ଦର ଗୁପ୍ତା:** ରାଜିନ୍ଦର ଗୁପ୍ତା ହେଉଛନ୍ତି ଟ୍ରିଡେ଼ଣ୍ଟ ଗ୍ରୁପର ମୁଖ୍ୟ । ରାଜନୀତିକୁ ଆସିବା ପୂର୍ବରୁ ସେ ସିଆଇଆଇ ସହ ଜଡ଼ିତ ଥିଲେ । ଶିଳ୍ପ ବା ବ୍ୟବସାୟ ସହ ଜଡ଼ିତ ବ୍ୟକ୍ତିମାନେ ଆପର ମୁଖ୍ୟ ପୃଷ୍ଠପୋଷକ, ସମର୍ଥକ ଓ ନୀତି ନିର୍ଦ୍ଧାରକ ଥିବାବେଳେ ସେମାନେ ଚାପ ଗ୍ରସ୍ତ ହୋଇ ଦଳ ଛାଡୁଥିବା କହିଲେ ଭୁଲ୍ ହେବନାହିଁ ।

ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA

## ଗୌତମବୁଦ୍ଧଙ୍କ କଟାକ୍ଷ

# ବିଶ୍ୱାସଘାତକ ରାଘବମାନେ

ଗୋଟିଏ ଆଦର୍ଶ ବା ବିଚାରାଧାରାକୁ ନେଇ ଦଳ ଗଢ଼ା ହୁଏ । ଆଉ ଦଳ ଗଢ଼ିଥିବା ଅନେକ ଲୋକ ଏଥିପାଇଁ ନିଜର ସ୍ୱେଦ, ରକ୍ତ, ଶ୍ରମ, ଅର୍ଥ ଏପରିକି ଜୀବନ, ଯୌବନକୁ ବଳି ଦେଇଥାନ୍ତି । ହେଲେ ବିଡ଼ମ୍ବନା ହେଲା, ସେବା ଓ ତ୍ୟାଗର ଦ୍ୱାହି ଦେଇ ରାଜନୀତିକୁ ଆସୁଥିବା କିଛି ନେତା ଦଳକୁ ସିଡ଼ି ରୂପେ ବ୍ୟବହାର କରି ପଦ ପଦବି ଦଖଲ କରିବା ପରେ ହଠାତ୍ ଭୟରେ କିମ୍ବା ପ୍ରଲୋଭନରେ ପଡ଼ି ନିଜ ଦଳକୁ ଧୋକା ଦିଅନ୍ତି ଏବଂ ତତକ୍ଷଣାତ୍ ଲାଭ ଆଶାରେ ଶାସକ ଦଳକୁ ଡିଆଁ ମାରନ୍ତି ।

ନିକଟ ଅତୀତରେ ଓଡ଼ିଶାରେ ବିଜେଡି ଓ କଂଗ୍ରେସର କିଛି ବିଧାୟକ ରାଜ୍ୟସଭା ନିର୍ବାଚନ ବେଳେ ନିଜ ଦଳ ସହ ବିଶ୍ୱାସଘାତକତା କରି କ୍ରସ୍ ଭୋଟିଂ କରିବାର ନଜର ଆସିଥିଲେ । ଆଉ ଏବେ ରାଘବ ଚଢ଼ାଙ୍କ ସହ ଆମ ଆଦମୀ ପାର୍ଟିର ୭ ରାଜ୍ୟସଭା ସାଂସଦ ଅନୁରୂପ ଭାବେ ସବୁ ଆଦର୍ଶ ଓ ମୂଲ୍ୟବୋଧକୁ ଜଳାଞ୍ଜଳି ଦେଇ ବିଜେପିରେ ସାମିଲ ହୋଇଛନ୍ତି ।

ଏଭଳି ରାତାରାତି ଦଳବଦଳ ପଛର କାରଣ ଅତ୍ୟନ୍ତ ସ୍ପଷ୍ଟ । ଇଡି, ସିବିଆଇର ଭୟ ଏବଂ ଯେନତେନ ପ୍ରକାରେ ପଦରେ ରହିବାର ମୋହ । ମଜା କଥା ହେଲା, ସାରା ଦେଶରେ ଏହିସବୁ ଅମେରୁଦଣ୍ଡୀ, ଭୀରୁ ଓ ଆଦର୍ଶହୀନ ନେତାମାନେ ସେହି ଗୋଟିଏ ଦଳକୁ ଯାଉଛନ୍ତି, ତାହା ହେଉଛି ବିଜେପି ।

ଆହୁରି ମଜା କଥା ହେଲା, ବିଜେପିର ୱାସିଂମେସିନରେ ସଫା ହେଲା ପରେ ଏହି ନେତାମାନେ ଅତ୍ୟନ୍ତ ନିର୍ଲଜ୍ଜ ଭାବେ ନିଜ କୁକର୍ମର ସଫେଇ ଦେବାକୁ ଯାଇ ନିଜର ପୂର୍ବ ଦଳ ଓ ନେତାଙ୍କୁ ଗାଳି ଦିଅନ୍ତି । ଯେଉଁ ଦଳ ଦିନେ ସେମାନଙ୍କୁ ରାଜନୀତି କରିବାକୁ ସୁଯୋଗ, ପଦପଦବୀ ଓ ପରିଚୟ ଦେଇଥିଲା ସେହି ଦଳ ବିରୋଧରେ ବିଷୋଦଗାର କରନ୍ତି ।

ଯଦି ଜଣେ ବିଧାୟକ ଓ ସାଂସଦକୁ ନିଜର ମୂଳ ଦଳ ଭଲ ନ ଲାଗିଲା, ସେ ଦଳ ବଦଳ କରିବାରେ କିଛି ଅସୁବିଧା ନାହିଁ । କିନ୍ତୁ ମୂଳ ଦଳ ଦେଇଥିବା ବିଧାୟକ ବା ସାଂସଦ ପଦରୁ ଇସ୍ତଫା ଦେଇ ଅନ୍ୟ ଦଳକୁ ଗଲେ ସେମାନଙ୍କ କିଛି ଇଜ୍ଜତ ଅଛି ବୋଲି ଜଣାପଡ଼ନ୍ତା । ଦଳ ବଦଳାଇ ତୁରନ୍ତ ନୂଆ ଦଳ ଟିକଟରେ ବିଧାନସଭା ବା ସଂସଦକୁ ଯିବା ଲାଗି ନିର୍ବାଚନ ଲଢ଼ିଲେ ସେମାନଙ୍କ ପାରିବାପଣିଆ ଜଣାପଡ଼ନ୍ତା ।

ମାତ୍ର ରାଘବଙ୍କ ଭଳି ସୁବିଧାବାଦୀ ନେତା କୌଣସି ବିଚାରଧାରାରେ ବିଶ୍ୱାସ କରନ୍ତି ନାହିଁ । ଏମାନେ କେବଳ ନିଜ ଦଳ ସହ ବିଶ୍ୱାସଘାତକତା କରନ୍ତି ନାହିଁ, ଗଣତାନ୍ତ୍ରିକ ମୂଲ୍ୟବୋଧ ସହ ମଧ୍ୟ ବିଶ୍ୱାସଘାତକତା କରନ୍ତି ।

ରାଘବ ! ମାଇକ୍ ଆଗରେ ଯେତେ ସଫେଇ ଦେଲେ ବି ଇତିହାସ ତୁମକୁ ଜଣେ ଉଦୀୟମାନ ନେତା ନୁହେଁ, ଜଣେ ଭୀରୁ, କାପୁରୁଷ ଓ ବିଶ୍ୱାସଘାତକ ଭାବେ ହିଁ ମନେ ରଖିବ ।

# ଅପରାଜିତାଙ୍କ ସାଇଡ୍ ବମ୍

କାଉଡ଼ିଆମାନେ ବୋଲବମ୍ ଯାତ୍ରାରେ ଯିବାବେଳେ ସାଇଡ଼ ମାଗିବାକୁ ସାଇଡ଼ ବମ ବୋଲି କହନ୍ତି । ଠିକ୍ ସେମିତି ଅପରାଜିତା ରାଲିରେ ଗଲାବେଳେ ତାଙ୍କ ସମର୍ଥକମାନେ ସାଇଡ଼ ବମ୍ କହିବା ଆରମ୍ଭ କରିଦେଇଛନ୍ତି । ମ୍ୟାଡ଼ାମ ଯାଉଛନ୍ତିମାନେ ଆପଣ ତାଙ୍କ ଆଗରେ ଯାଇପାରିବେନି । କି କଥା, ତାଙ୍କର ସବୁ କାର୍ଯ୍ୟକ୍ରମର ଲାଇଭ୍ ହେଉଛି । ମୋଦିଙ୍କୁ ଟ୍ୟାଗ କରୁଛନ୍ତି । ତାଙ୍କ ଆଗରେ ଆଉ କିଏ ରହିଗଲେ ତାଙ୍କ ସମର୍ଥକମାନେ ସହି ପାରୁନାହାନ୍ତି । ତା'ପରେ ମ୍ୟାଡ଼ାମ ସିନା ଖାଲି ସାଂସଦ ଅଛନ୍ତି କିନ୍ତୁ ତାଙ୍କ ସମର୍ଥକମାନଙ୍କ ପାଇଁ ସେ ହେଉଛନ୍ତି ଭାବି ମୁଖ୍ୟମନ୍ତ୍ରୀ । ତେଣୁ ଭବିଷ୍ୟତ ପାଇଁ ଏବେଠୁ ପ୍ରାକ୍ଟିସ୍ କଲେ ଅସୁବିଧା କ'ଣ ? ଏଇ ନିକଟରେ ଏକ ରାଲି ବେଳେ ଅପରାଜିତାଙ୍କ ସହ ସୁରମା ପାଢ଼ୀ ଯାଉଥିଲେ । ମ୍ୟାଡ଼ାମଙ୍କ ଆଗରେ ସୁରମା ରହିଯିବାରୁ ଫଟ୍ କିନା ଜଣେ ମହିଳା ଆସି ହାଲକେଇକି ଠେଲିଦେଲେ ।



ସେ ମହିଳା ବିଜେପି ନେତ୍ରୀଙ୍କର ପାଠ ଶାଠ, କାଣ୍ଡଜ୍ଞାନ ଅଛିକି ନାହିଁ ଆମକୁ ମାଲୁମ୍ ନାହିଁ । କାହିଁକିନା ପ୍ରୋଟୋକଲ ଦୃଷ୍ଟିରୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ପରେ ହେଉଛନ୍ତି ବାଚସ୍ପତି । ବିଧାନସଭା ଗୃହ ଭିତରକୁ ବାଚସ୍ପତି ପ୍ରବେଶ କରିବା ମାତ୍ରେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀଙ୍କ ଠାରୁ ନେଇ ପୂରା ବିଧାନସଭା ଠିଆହୋଇ ନମସ୍କାର କରନ୍ତି । ବାଚସ୍ପତିଙ୍କୁ ଠେଲା ଘଟଣାକୁ ନେଇ ବିଜେଡ଼ି ଏବେ ବିଜେପିକୁ ଟ୍ରୋଲ୍ କରୁଛି । ବହୁ ବରିଷ୍ଠ ବିଜେପି ନେତାବି ଘଟଣାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି । କିନ୍ତୁ କହିବେ କାହାକୁ, ଶୁଣିବେ କିଏ ? ଅପରାଜିତା ଏନେଇ ବାଚସ୍ପତିଙ୍କୁ କ୍ଷମା ମାଗିଥିଲେ ଭଲ ହୋଇଥା'ନ୍ତା । କିନ୍ତୁ ସେ କାଇଁ ମୁଣ୍ଡ ନୁଆଁଇବେ । ୨୦୨୪ରେ ସିନା ପ୍ରଭାତୀ ଓ ସୁରମା ଜିତିଗଲା ପରେ ପାୱାରଫୁଲ୍ ହୋଇଯାଇଛନ୍ତି । ହେଲେ ୨୦୧୯ରେ ସାଂସଦ ହେବା ପରଠାରୁ, ଅପରାଜିତା ପରା ନିଜକୁ ଦଳଠୁ ବି ଉପରେ ବୋଲି ଭାବି ଆସୁଛନ୍ତି ।

ଗର୍ବିତ ଓଡ଼ିଆ ODIA WEEKLY GARVIT ODIA

# ବିଜେଡ଼ିର ରତ୍ନଭଣ୍ଡାର ବାଣ





ରତ୍ନଭଣ୍ଡାରରୁ ଧାପେ ବି ରତ୍ନ ଚୋରିହୋଇନି । ଆଜ୍ଞା ଚୋରି ହୋଇଥା'ନ୍ତା କେମିତି କହୁନାହାନ୍ତି । ସିଏ ପରା ଜଗତରନାଥ । ଲୋକେ କେତେ ହାରିଗୁହାରୀ ନେଇ କାଳିଆ ସାଆନ୍ତେ ପାଖରେ ମୁଣ୍ଡ କୋଡ଼ନ୍ତି । ତା' ଜିନିଷ ପୁଣି ଚୋରି ହେଇଯିବ ? ହେଲେ ନିର୍ବାଚନ ପାଇଁ ପାଣ୍ଡିଆନଙ୍କ ମୁଣ୍ଡରେ ରତ୍ନଭଣ୍ଡାର କଳଙ୍କ ବୋଳିବାକୁ ବିଜେପି ନେତାଏ ମିଛ କହିଥିଲେ । କିନ୍ତୁ ବିଜେପିର ଅଭିଯୋଗ ମିଛ ବୋଲି ବିଜେପି ସରକାର ସ୍ୱୀକାର କରିଛନ୍ତି । ରତ୍ନଭଣ୍ଡାର ଗଣତିମଣତି ଠିକଠାକ ଅଛି ବୋଲି ସରକାର କହିବା ପରେ ଏବେ ବିଜେଡ଼ି ପାଲଟା ଆକ୍ରମଣ କରିଦେଇଛି । ସାମାଜିକ ଗଣମାଧ୍ୟମରେ ଆରମ୍ଭ ହୋଇଯାଇଛି ବାଦୀପାଲା । ଯେଉଁ ରତ୍ନଭଣ୍ଡାର ଅସ୍ତ୍ରରେ ବିଜେଡ଼ିକୁ ଆକ୍ରମଣ କରିଥିଲା ବିଜେପି, ସେଇ ଅସ୍ତ୍ରରେ ବିଜେଡ଼ି ବି ବିଜେପିକୁ କ୍ଷତବିକ୍ଷତ କରିବାକୁ ଯୋଜନା କରିଛି । ପ୍ରଣବ ପ୍ରକାଶ ଦାସ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାରକୁ ନେଇ ଯେଉଁ ଅପପ୍ରଚାର କରାଗଲା ତାହା ଓଡ଼ିଶାବାସୀଙ୍କ ଭାବନା ସହ କ୍ରୂର ପରିହାସ । ବିଜେପିର ରାଜ୍ୟ ନେତୃତ୍ୱ ଓ ପ୍ରଧାନମନ୍ତ୍ରୀଙ୍କ ସମେତ ସମସ୍ତେ ରତ୍ନଭଣ୍ଡାର ଅଳଙ୍କାର ଚୋରି ହୋଇଥିବା ନେଇ ଚିତ୍କାର କରୁଥିଲେ । ଏବେ ସମସ୍ତଙ୍କ ମୁଖା ଖୋଲିଯାଇଛି । ଜଗନ୍ନାଥଙ୍କ ମାଟିରେ ଠିଆହୋଇ ଯେଉଁମାନେ ମିଥ୍ୟା ପ୍ରଚାର କରିଥିଲେ ସେମାନେ ଭୁଲ ସ୍ୱୀକାର କରି କ୍ଷମା ମାଗନ୍ତୁ ବୋଲି ବବି କହିଛନ୍ତି ।

ସେପଟେ ବିଜେପି ନେତା ତଥା ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତିଯେ, ଆମେ ଚାହିଁଲେ ବିଜେଡ଼ିର ଦୁଃସାହାସ ଗୋଟିଏ ଦିନରେ ଛଡ଼ାଇ ଦେବୁ । ଆମେ ପ୍ରଶ୍ନ ପଚାରିଲେ, ବିଜେଡ଼ିର ପକ୍ଷାଘାତ ହୋଇଯିବ । ରତ୍ନଭଣ୍ଡାର ଚାବି କୁଆଡ଼େ ଯାଇଥିଲା ? ବିଜେଡ଼ି ସରକାର ଖୋଲିନଥିଲେ କାହିଁକି ? ଟ୍ରେଜେରୀ ଚାବି ମିଳିଲାନି ବୋଲି ଆମେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାଲା କାଟିଲୁ । ଜଗନ୍ନାଥଙ୍କ ପ୍ରସଙ୍ଗରେ ବିଜେପି ରାଜନୀତି କରିବାକୁ ଚାହୁଁନାହିଁ ବୋଲି ପୃଥ୍ୱୀରାଜ କହିଛନ୍ତି ।

# ନୂଆ ଅବତାରରେ ସସ୍ମିତ



ଆଜିକାଲି ବିଜୁ ଜନତା ଦଳରେ କ'ଣ ଚାଲିଛି, ତାହା ଦଳର ଆଗଧାଡ଼ିର ନେତାମାନେ ଠିକ୍ ଭାବେ ଜାଣିଛନ୍ତି । କିଏ ଡରରେ ମୁହଁ ଖୋଲୁନାହାନ୍ତି ତ କିଏ କାଦୁଅରେ ପଶିବୁ କାହିଁକି, ଗୋଡ଼ ଧୋଇବୁ କାହିଁକି ନ୍ୟାୟରେ ଜଗିରଖି ଚଳୁଛନ୍ତି । ନିକଟରେ ବିଜେଡ଼ି ରାଜ୍ୟସଭା ସଂସଦୀୟ ଦଳ ନେତା ପରିବର୍ତ୍ତନକୁ ନେଇ ଦଳରେ ଆଲୋଡ଼ନ ସୃଷ୍ଟିହୋଇଛି । ସସ୍ମିତ ପାତ୍ରଙ୍କ ଭଳି ଜଣେ କୁହାଳିଆ ନେତାଙ୍କୁ ନବୀନ ବାବୁ ଦାୟିତ୍ୱରୁ ଅନ୍ତର କରିଦେଇଛନ୍ତି । ସସ୍ମିତ ରାଜ୍ୟସଭା ସଂସଦୀୟ ଦଳ ନେତା ପଦରୁ ଯିବାପରେ ନୂଆ ଅବତାରରେ ମଇଦାନକୁ ଓହ୍ଲାଇଛନ୍ତି । ନିତିଦିନ ସେ ପତ୍ର ମାଧ୍ୟମରେ ରାଜ୍ୟ ବିଜେପି ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବାରେ ଲାଗି ପଡ଼ିଛନ୍ତି । ଆଜିକା ଦିନରେ ସେ ପ୍ରସଙ୍ଗଭିତ୍ତିକ ଆଲୋଚନା କରି ବେଶ୍ ଚର୍ଚ୍ଚା ସାଉଁଟିଛନ୍ତି ।

ନିକଟରେ ସେ ସିଜିମାଳି ପ୍ରସଙ୍ଗରେ ଜାତୀୟ ଏସଟି କମିଶନର ଅଧ୍ୟକ୍ଷ ଅନ୍ତର ସିଂ ଆର୍ଯ୍ୟଙ୍କୁ ଭେଟି ଦାବି ଉପସ୍ଥାପନ କରିଥିଲେ । ତୁରନ୍ତ କମିଶନ ଏନେଇ ଅନୁଧ୍ୟାନ କରିବାକୁ ଦାବି କରିଥିଲେ । ଏହାପରେ ସେ କେନ୍ଦୁପତ୍ର କର୍ମଚାରୀ ସଂଘର ଦାବିକୁ ନେଇ କେନ୍ଦ୍ର ଶ୍ରମମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭୀୟଙ୍କୁ ପତ୍ର ଲେଖିଥିଲେ । ବିଡ଼ି ଟାସ୍କ ଫୋର୍ସ କମିଟି, ବିଡ଼ି ୱାର୍କରସ ୱେଲଫେୟାର ସ୍କିମ୍ ଆଦିରେ ଥିବା ସମସ୍ୟାର ସମାଧାନ ପାଇଁ ଅବଗତ କରାଇଥିଲେ । ନିକଟରେ ଭୁବନେଶ୍ୱରର ଟ୍ରାଫିକ ସମସ୍ୟାକୁ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଥିଲା । ତୁରନ୍ତ ସସ୍ମିତ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ସମାଧାନ ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ । ଖାଲି ସେତିକିନୁହେଁ ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ବି ସେ ଉଦବେଗ ପ୍ରକାଶ କରିଛନ୍ତି । ମହାନଦୀ ଟ୍ରିବ୍ୟୁନାଲ ଓଡ଼ିଶା ଓ ଛତିଶଗଡ଼ ଉପରେ ଅସନ୍ତୋଷ ପ୍ରକାଶ କରିଥିବାରୁ ତୁରନ୍ତ ପଦକ୍ଷେପ ନେବାକୁ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ହଠାତ୍ ସସ୍ମିତ ଚଳଚଞ୍ଚଳ ହୋଇପଡ଼ିଥିବାରୁ ବିଜେଡ଼ିର ଅନେକ ସାଂସଦ ଅହସଜ ହୋଇପଡ଼ିଛନ୍ତି । ସସ୍ମିତଙ୍କ ଭଳି ଅନ୍ୟମାନେ ବି ରାଜ୍ୟର ହକ୍ ପାଇଁ ଲଢ଼ନ୍ତୁ ବୋଲି ସୋସିଆଲ ମିଡ଼ିଆରେ ଲୋକମାନେ ମତପ୍ରକାଶ କରିଛନ୍ତି ।

# ବିଜୁ ଜାନକୀ ଏକାଠି



ସ୍ୱଦେହରେ ଥିବାବେଳେ ବିଜୁ-ଜାନକୀଙ୍କର ଟେଙ୍ଗ ଆଉ ବେଙ୍ଗ ରାଶି ଥିଲା। ଉଭୟ ଉଭୟଙ୍କ ଚଉକି ଛଡ଼ାଇନେବାକୁ କୂଟନୀତି କରୁଥିଲେ। ଜାନକୀଙ୍କ ପାଇଁ ବିଜୁବାବୁଙ୍କ ପୁଅ ନବୀନ ବାବୁ ଦି ଯୁଗ ଶାସନ କଲେ। ଏବେ କିନ୍ତୁ ବିଜୁ-ଜାନକୀ ସ୍ୱର୍ଗରେ। ସେଠି ସେମାନେ ଏକାଠି ଅଛନ୍ତି କି ନାହିଁ, ଆମେ ଜାଣିବାର ଜୁ' ନାହିଁ। ହେଲେ ଉଭୟଙ୍କ ଲିଗାସୀ ଏବେ ଏକ ହୋଇ ଯାଇଛନ୍ତି। ଓଡ଼ିଶା ନାଗରିକ ମଞ୍ଚର ଶୁଭାରମ୍ଭ ବେଳେ ମଙ୍ଗଳାଚରଣରେ ବିଜୁ ବନ୍ଦନା ହେଲା। ସେତେବେଳେ ତାଙ୍କ ଜୁଆଇଁ ସୌମ୍ୟବାବୁଙ୍କ ସମସ୍ତେ ଟାହିଟାପରା କଲେ। ଜାନକୀ ଲିଗାସୀ କେବେଠୁ ବିଜୁ ଲିଗାସୀ ହେଲେ ବୋଲି ଲୋକେ ପଚାରିଲେ। ଯାହାହେଉ ନାଗରିକ ମଞ୍ଚ ଏବେ ବିଜୁଙ୍କ ସହ ଜାନକୀଙ୍କ ବନ୍ଦନା ବି ଆରମ୍ଭ କରିଦେଇଛନ୍ତି। ୨୦୨୯କୁ ଆଖିଆଗରେ ରଖି ବିଜୁ-ଜାନକୀ ଲିଗାସୀ ଏକାଠି ହୋଇ ରାଜନୀତିର ଦାଓପେଞ୍ଚରେ ବାଜି ଲଗାଇଛନ୍ତି। ଯଦି ସତରେ ବିଜୁ ଆଉ ଜାନକୀ ଫ୍ୟାନ୍ ଏକାଠି ହୁଅନ୍ତି ଶହେରେ ତିରିଶ ଚାଳିଶ ଭାଗ ଭୋଟ୍ ନେଇଯିବା ଥୟ। ଏବେବି କଂଗ୍ରେସର ଅନେକ ନେତା ଜାନକୀଙ୍କ ହାତ ତିଆରି। ସେପଟେ ବିଜୁବାବୁବି ତାଙ୍କ ଜୀବଦଶାରେ ନେତା ତିଆରି କାରଖାନାଟେ କରିଥିଲେ। ଦେଖାଯାଉ, ଓଡ଼ିଶା ନେତା ମଞ୍ଚ, ସରି... ନାଗରିକ ମଞ୍ଚ ବିଜୁ-ଜାନକୀ ଲିଗାସୀକୁ କେମିତି ଏକାଠି କରି ସଫଳ ହେଉଛନ୍ତି ?

# ଜୟ୍-ଟଙ୍କ ଫାୟାର

କିଏ ରାଗିବେନି କହିଲେ? ଗାଁ ଗହଳି ମଞ୍ଚ ହୋଇଥିଲେ ତ ସମର୍ଥକମାନେ ଚୋପା ଛଡ଼ାଇ ଦେଇଥା'ନ୍ତେ। ଖାଲି କମ୍ପାନୀ ମଞ୍ଚ ଆଉ ବଡ଼ବଡ଼ିଆ ଥିଲେ ବୋଲି ବର୍ତ୍ତିଗଲେ। ନହେଲେ ଆଜ୍ଞା ଜୟ ଦାଦା ଆଉ ଟଙ୍କଧର ମିଶି ସେଠି ମହାଭାରତ କରି ଦେଇଥା'ନ୍ତେ। ଆଜ୍ଞା କଥାଟି ହେଉଛି, ଜେଏସଡବ୍ଲ୍ୟୁ ଆଉ ଜାପାନୀ କମ୍ପାନୀ ଜେଏଫଇ ୩୦ ହଜାର କୋଟିର ନିବେଶ କରିବେ। ସେଥିପାଇଁ ଏକ ବଡ଼ ସଭାର ଆୟୋଜନ କରାଯାଇଥିଲା। ଏମିତିକି ଇଚ୍ଛାନଥିଲେ ବି ମୋହନ-ଧର୍ମେନ୍ଦ୍ର ଏକାଠି ସେହି ସଭାକୁ ଯାଇଥିଲେ। ମନ୍ତ୍ରୀ ସୁରେଶ ପୂଜାରୀ, ରବି ନାରାୟଣ ନାଏକ ବି ଉପସ୍ଥିତ ଥିଲେ। ସେଇ ମଞ୍ଚରେ ବସିଥିଲେ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ଓ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ। ହେଲେ କମ୍ପାନୀ ବାଲା ସମସ୍ତଙ୍କୁ ଦାମୀ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କଲେ। କିନ୍ତୁ ଜୟ କି ଟଙ୍କଙ୍କ କାନ୍ଧରେ ଉତ୍ତରୀୟ ପକାଇବାକୁ ଭୁଲିଗଲେ। ଅଡ଼ମ୍ୟାନ ଆଉଟ୍ ଭଳି ଦି ଜଣଙ୍କୁ ବୋଧେ କମ୍ପାନୀବାଲା ନଜର ଅନ୍ଦାଜ କଲେ। ଯଦି ଉତ୍ତରୀୟ ବା ଗାମୁଛା ସରିଯାଇଥିଲା, ତାହେଲେ ଫୁଲତୋଡ଼ାଟେ ଦେଇ କାମ ଚଳେଇ ଦେଇଥା'ନ୍ତେ। ସେତକ ବି କଲେନି। ଯେଉଁଠି ଗାମୁଛା ନାହିଁ ସେଠି ମାଇକ୍ କୁଆଡ଼େ ମିଳିଥା'ନ୍ତା। ଦାନ୍ତ କଡ଼ମଡ଼ କରି, ରାଗି ପାଚି, କାଠେଇକି ବସିବାକୁ ବାଧ୍ୟ ହୋଇଥିଲେ ଜୟ ଓ ଟଙ୍କ। ବାସ୍ ମିଟିଂ ସରିବା ପରେ, ଦିହେଁ ଫଁ ଫଁ ହୋଇଥିଲେ। ଜୟ ଦାଦାଙ୍କ ପାଟିରୁ ଶବ୍ଦବାଣଗୁଡ଼ାକ ଚାରିଆଡ଼େ ବିଚ୍ଛୁରିତ ହୋଇ ଯାଉଥିଲା। ଏଇ ମଉକାରେ ଟଙ୍କବି ଯାହାକୁ ଦେଖିଲେ ଦି ପଦ ଝାଡ଼ିଦେଲେ। ଏକଥା ଜାଣିବା ପରେ ମୋହନ ଦାଦା ଆସି ଦି ଜଣଙ୍କ ରାଗକୁ ଶାନ୍ତ କରିଥିଲେ। ଅବଶ୍ୟ ଜୟ-ଟଙ୍କ ଖରାଦିନିଆ ତାତି ଭଳି ଫୁଲ୍ ଗରମ ଥିବାରୁ ଶାନ୍ତ କରିବାକୁ ଘଣ୍ଟେ କାଳ ନାକେଦମ ହେବାକୁ ପଡ଼ିଥିଲା। ମୋହନ ଦାଦା ନିଜ ଗାଡ଼ିରେ ଜୟଦାଦାଙ୍କୁ ବସାଇକି ନେବାପରେ କମ୍ପାନୀବାଲା ଶାନ୍ତିରେ ଟିକେ ନିଃଶ୍ୱାସ ନେଲେ।




# ପଦୁଙ୍କୁ ପ୍ରତାପଙ୍କ ଆଶୀର୍ବାଦ



ବାଲେଶ୍ୱର ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ହୋଇଛନ୍ତି ପଦ୍ମଲୋଚନ ପଣ୍ଡା। ୪ ଦଶନ୍ଧି ଧରି ସେ ରାଜନୀତି କରୁଛନ୍ତି। ବାଲେଶ୍ୱରର ଜଣେ ଟାଣୁଆ ନେତା ଭାବେ ତାଙ୍କର ସୁନାମ ବି ରହିଛି। ଚାରି ଚାରି ଥର ବିଧାୟକ ହୋଇଥିବାବେଳେ କଂଗ୍ରେସ ସରକାର ଅମଳରେ ମନ୍ତ୍ରୀ ବି ରହିଥିଲେ। ଏଥର ବି ମନ୍ତ୍ରୀ ହେବାକୁ ଚାହୁଁଥିଲେ। ମିଡ଼ିଆରେ ନିଜ ମନର କଥା ବି କହୁଥିଲେ। କିନ୍ତୁ ଏପଟେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ହେଲାନି, କି ତାଙ୍କର ଆଶା ପୂରଣ ହେଲାନି। ଆଗକୁ ଆଉ ହେବାଭଳି ବି ଲାଗୁନି। ତଥାପି କାନ୍ଧୁଆ, ଯାହା ପାଉଥା ବାନ୍ଧୁଥା ନ୍ୟାୟରେ ଡିପିସି ଅଧ୍ୟକ୍ଷ ପଦରେ ଖୁସି। ମନ୍ତ୍ରୀ ନହେଲେ ନାହିଁ, ମନ୍ତ୍ରୀ ପାହ୍ୟାରେ ତ ଅଛନ୍ତି। ହେଲେ ନିକଟରେ ଏକ ଫଟୋ ଭ୍ରୁକୁଞ୍ଚନ ସୃଷ୍ଟିକରିଛି। ପଦୁବାବୁଙ୍କ ମୁଣ୍ଡ ଉପରେ ହାତ ଥୋଇ ଆଶୀର୍ବାଦ ମୁଦ୍ରାରେ ଅଛନ୍ତି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ। ଯାହାକୁ ନେଇ ରାଜନୀତିକ ଅଳିନ୍ଦରେ ଚର୍ଚ୍ଚା ହେବା ସ୍ୱାଭାବିକ। କାହିଁକିନା ନନାଙ୍କଠୁ ପଦୁ ଭାଇନା ରାଜନୀତିରେ ସିନିଅର। ଏବେ ପଦପଦବୀ ଦୃଷ୍ଟିରୁ ବି ତାଙ୍କଠୁ ଟିକେ ଉପରେ। ତଥାପିବି ନନାଙ୍କ ଆଶୀର୍ବାଦ ମୁଦ୍ରାଟା କାହିଁ ଟିକେ ହଜମ ହେଲାନି। କିନ୍ତୁ ପଦୁ ଭାଇନାଙ୍କ ସମର୍ଥକଙ୍କ କହିବା କଥା, ନନା ବାବା କାଟାଗୋରୀରେ ଯାଉଛନ୍ତି। ସଂଘର ଲୋକ, ସେପଟେ ବାହାସାହା ନହୋଇ ସନ୍ନ୍ୟାସୀ ଭଳି ସାଦାସିଧା ଜୀବନଯାପନ କରନ୍ତି। ବିଜେପିରେ ତ ବାବାମାନଙ୍କର ସ୍ଥାନ ଯଥେଷ୍ଟ ଉପରେ ରହିଛି। ମୋଦିଜୀ ବି କେତେ ବାବାଙ୍କୁ ପ୍ରଣିପାତ କରି ଆଶୀର୍ବାଦ ନେଉଛନ୍ତି। ତେଣୁ ପଦୁ ଭାଇନା ସାଂସଦଙ୍କ ଠାରୁ ଆଶୀର୍ବାଦ ନେଇନାହାନ୍ତି ବରଂ ପାଟଶାଣୀ ବାବାଙ୍କ ପରେ ନୂଆ ବାବା ଷଡ଼ଙ୍ଗୀ ବାବାଙ୍କ ଠାରୁ ଆଶୀର୍ବାଦ ନେଇଛନ୍ତି।

# ସିଜିମାଳି: ଭକ୍ତଙ୍କୁ ଗାଳି

ନିୟମଗିରିରେ ବେଦାନ୍ତର ଖଣିକୁ ନେଇ ଭକ୍ତ ଦାସ ଏତେ ଜୋରରେ ଗର୍ଜନ କରିଥିଲେଯେ, ଏବେବି ନିୟମଗିରି ପାହାଡ଼ରୁ ପ୍ରତିଧ୍ୱନି ଶୁଣିବାକୁ ମିଳେ। ଅବଶ୍ୟ ବେଦାନ୍ତ ଭକ୍ତଙ୍କ ଦୁଃଖସୁଖ ବୁଝିବାରୁ ଧିରେଧିରେ ତାଙ୍କ ତୁଣ୍ଡରେ ତୁଣ୍ଡି ବନ୍ଧା ହୋଇଯାଇଛି। ନହେଲେ ଦେଖୁନାହାନ୍ତି, କଂଗ୍ରେସର ମୂଳ ଭୋଟ୍ ବ୍ୟାଙ୍କ ହେଉଛନ୍ତି ଆଦିବାସୀ। ସିଜିମାଳିରେ ଆଦିବାସୀମାନେ ବିରୋଧ କଲେ, ପୁଲିସ୍‌ଠୁ ଛେଚା ଖାଇଲେ। କିନ୍ତୁ ଭକ୍ତ ଚୁପ୍। ସେଠି ସିନା ଆଉ କୋଉ କମ୍ପାନୀକୁ ନେଇ ବିଦ୍ରୋହ ହୋଇଥିଲେ ସେ ପଦଯାତ୍ରା କରନ୍ତେଣି, ହେଲେ ବେଦାନ୍ତ ପାଇଁ ଆଉ କ'ଣ ମୁହଁ ଖୋଲିବ। ଏମିତିବି ଭକ୍ତଙ୍କ ନୂଆ ବନ୍ଧୁ ନବୀନ ବାବୁ କି ତାଙ୍କ ଦଳ ବି ସେତେଜୋରରେ ପ୍ରସଙ୍ଗକୁ ଉଠାଉନାହାନ୍ତି। କଥାରେ କହନ୍ତି ପରା, ଆବେ ପରଶୁ, ଯାବେ ପରଶୁ, ବାବୁ ପରଶୁରାମ, ପୈସା କ୍ୟା ନକରେ କାମ୍। ଛାଡ଼ହୋ, ଦି ଦଳ ଯାକ ବିରୋଧ କରୁଛନ୍ତି ବୋଲି ଦେଖାଇବାକୁ ଯାଇ ଖାଲି କମିଟି ହିଁ ପଠାଇଛନ୍ତି। ସିଜିମାଳି ପ୍ରସଙ୍ଗରେ ଭକ୍ତଙ୍କୁ ସାମାଜିକ ଗଣମାଧ୍ୟମରେ ଗାଳି ପଡ଼ିବାରୁ ଏବେ ସେ ନୂଆ ତରିକାଟେ ଆପଣାଇଛନ୍ତି। ଖାଲି ବେଦାନ୍ତ ନାଁ ଉଠାଇଲେ କାଳେ ବେଦାନ୍ତ ଖରାପ ଭାବିବ ସେଥିପାଇଁ ସବୁ ଶିଳ୍ପ ସଂସ୍ଥା ବିରୋଧରେ ସେ ମହାପଦଯାତ୍ରା ଆରମ୍ଭ କରିଛନ୍ତି। ଶିଳ୍ପ ସଂସ୍ଥାଙ୍କ ଅନ୍ୟାୟ ବିରୋଧରେ କଂଗ୍ରେସର ପଦଯାତ୍ରା ମେ'୩ରେ ସରିବ। ଡିଙ୍କିଆରୁ ଭୁବନେଶ୍ୱର ଯାଏଁ ଦଳ ଗର୍ଜନ କରିବ। ଭୁବନେଶ୍ୱରରେ ବଡ଼ ସମାବେଶ କରି ସେ ଶକ୍ତି ପ୍ରଦର୍ଶନ ବି କରିବେ। ବିସ୍ଥାପିତଙ୍କ ହକ୍ ପାଇଁ କଂଗ୍ରେସର ଏହି ଲଢ଼େଇ କେତେ ସଫଳ ହେବ, କେତେ ଭୋଟ୍ ସାଉଁଟିବ ତାହା ତ ସମୟ କହିବ। ହେଲେ ଭକ୍ତଙ୍କ ଆଇଡ଼ିଆକୁ କିନ୍ତୁ ଶହେ ସଲାମ୍ କରିବାକୁ ପଡ଼ିବ। ଗୋଟିଏ ପଟେ ସିଜିମାଳି ଗାଳିର ଉତ୍ତର ବି ଦେବେ ଆଉ ସେପଟେ ସବୁ ଶିଳ୍ପ ସଂସ୍ଥା ବିରୋଧରେ ଗର୍ଜିଲେ ପଞ୍ଚାୟତ



ନିର୍ବାଚନ ପାଇଁ ଦଳକୁ ପାଣ୍ଠି ବି ମିଳିଯିବ। ଭକ୍ତବାବୁଙ୍କ ଭଳି ଦି ଚାରି ବୁଦ୍ଧିଆ ନେତା ଯଦି କଂଗ୍ରେସରେ ରହିଯିବେ, ତେବେ ଶହେ ଶହେରେ ଖେଳ ହେବା ଥୟ।



# ଦେବୀଙ୍କ ଭାଗ, ତୁଷାରଙ୍କ ରାଗ

ଆଞ୍ଚା ରାଜ୍ୟସଭା ନିର୍ବାଚନ ପରଠାରୁ ରାଜ୍ୟ ରାଜନୀତି ନୂଆ ମୋଡ଼ ନେଇଛି। ଦିଲ୍ଲୀପ ରାୟଙ୍କୁ ଭୋଟ୍ ଦେଇ ୬ ବିଧାୟକ ନିଜ ଆଡୁ ଶଙ୍ଖ ଫୁଙ୍କିବା ବନ୍ଦ କରିଦେଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ। ବିଜେଡ଼ିରେ କଳି ହେଲେ, ବିଜେପି ବାଲାଏ ଖୁସି ହେବା କଥା। ହେଲେ ବାଙ୍କୀ ବିଜେପି ନେତା ତୁଷାର ଚକ୍ରବର୍ତ୍ତୀଙ୍କ ମନରେ ଯେତିକି ଦୁଃଖ, ସେତିକି ରାଗ ଭରି ହୋଇଯାଇଛି। ତୁଷାରଙ୍କ ଟିକେଟରେ ଏବେ ଦେବୀ ଭାଗ ବସାଇ ଦେଇଛନ୍ତି। ଦେବୀ କୁଆଡ଼େ ଆଗାମୀ ନିର୍ବାଚନରେ 'ପଦ୍ମଫୁଲ' ଟିକେଟରେ ନିର୍ବାଚନ ଲଢ଼ିବେ। ଖାଲି ପଦ ପଳାଇଯିବା ଡରରେ ସେ ପଦ୍ମପୋଖରୀରେ ସମ୍ପେଇ ମାରି ପାରୁନାହାନ୍ତି। ହେଲେ ମୋହନ-ମନମୋହନ ସେମାନଙ୍କୁ 'ଟିକେଟ୍' ବର ଦେଇ ସାରିଛନ୍ତି। କିଛିନହେଲେ ଦିଲ୍ଲୀପ ରାୟଙ୍କର ସିଧାସଳଖ ମୋଦି-ଶାହଙ୍କ ସହ ସମ୍ପର୍କ ଥିବାରୁ ଦେବୀଙ୍କୁ ବିଜେପି ଟିକେଟ୍ ଦେବା ଫାଇନାଲ୍ ବୋଲି ଚର୍ଚ୍ଚା ଜୋର ଧରିଲାଣି। ତେଣୁ ଗତ କିଛି ଦିନ ଧରି ତୁଷାରଙ୍କ ମନ ଜମା ଭଲନାହିଁ। ଦେବୀଙ୍କୁ ବାଙ୍କୀ ବିଜେଡ଼ି ବି ସେମିତି ଜୋରଦାର ବିରୋଧ କରୁନି। ଫଳରେ ବିଜେଡ଼ିର ଅଧାରୁ ଅଧିକ ଭୋଟ୍ ଦେବୀ ନେଇଯିବା ଥୟ। ତୁଷାରଙ୍କ ରାଜନୀତିକ ଭବିଷ୍ୟତ ଏବେ ସୂତାଖିଅରେ ଝୁଲୁଛି। ରାଗ ଗରଗର ହୋଇ କର୍ମୀଙ୍କୁ ଲଗାଇ ସେ ଏବେ ଦେବୀଙ୍କୁ ବିରୋଧ କରିବାରେ ଲାଗି ପଡ଼ିଛନ୍ତି। ଏଇ ନିକଟରେ ହାତ ଗଣତି କିଛି ବିଜେପି କାର୍ଯ୍ୟକର୍ତ୍ତାମାନେ ଦେବୀଙ୍କୁ କଳାପତାକା ଦେଖାଇଛନ୍ତି। ଗୋ ବ୍ୟାକ୍ ବୋଲି ନାରା ଦେଇଛନ୍ତି। ହେଲେ ସେପଟେ ଗଲା ନିର୍ବାଚନରେ ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କ ଟିକେଟ ତୁଷାର ଛଡ଼ାଇ ନେଇଥିବାରୁ ସେ ବି କଳିର ଆନନ୍ଦ ଉଠାଇବାରେ ଲାଗିଛନ୍ତି। ଦେବୀଙ୍କୁ କୁଆଡ଼େ ଶୁଭ୍ରାଂଶୁ ବି ଭିତିରିଆ ସମର୍ଥନ କରୁଥିବା ଜାଣିବାକୁ ମିଳିଛି। ହେଲେ ତୁଷାର ବାବୁ, ଗଲା ରାଜ୍ୟସଭା ନିର୍ବାଚନରେ ବିଜେପିର ନାକ ନିଶ ଟେକି ରଖିଥିବାରୁ ଦେବୀଙ୍କୁ ଦଳ ଭୁଲିପାରିବନି। ତେଣୁ ଦେବୀଙ୍କୁ ସମର୍ଥନ କରନ୍ତୁ, ନହେଲେ ଅନ୍ୟ ଦଳରେ





ଭବିଷ୍ୟତ ଦେଖନ୍ତୁ। ଏବେ ବିଜେଡ଼ି ମଇଦାନ ଖାଲି ପଡ଼ିଛି। ଦେବାଶିଷ ପଟ୍ଟନାୟକ ବିଜେଡ଼ି ଯିବାକୁ ସଜବାଜ ହେଉଥିଲେ। ହେଲେ କଂଗ୍ରେସ-ବିଜେଡ଼ି ମେଣ୍ଟ ଚର୍ଚ୍ଚା ତାଙ୍କୁ ରୋକି ଦେଇଛି। କଂଗ୍ରେସରେ ତାଙ୍କର ଦବଦବା ଥିବାରୁ ମେଣ୍ଟରୁ ତାଙ୍କୁ ଟିକେଟ୍ ମିଳିବ ବୋଲି ସେ ଭାବି ନେଇଛନ୍ତି। ତେବେ କାହାର କେତେ ଦମ୍, ସବୁ ସେଇ ପଞ୍ଚାୟତ ନିର୍ବାଚନରେ ହିଁ ସ୍ପଷ୍ଟ ହୋଇଯିବ। ଶୁଣିବାକୁ ମିଳୁଛି, ଦେବାଶିଷ କୁଆଡ଼େ ବିଜେଡ଼ିକୁ ଜିତାଇବାକୁ ତାଙ୍କ ପକେଟ୍ ଭୋଟ୍ ଶଙ୍ଖକୁ ମଡ଼େଇଦେବେ।

# ଦେବଗଡ ରାଜନୀତି

# ଯୋଗେଶଙ୍କ ହାତମୁଠାରେ ତିଳେଇବଣି ବ୍ଲକ

**ଦେବଗଡ଼ରୁ ସୀମାଞ୍ଜଳୀ**



ଦେବଗଡ଼ ଜିଲ୍ଲା ତିଳେଇବଣି ବ୍ଲକ ରାଜନୀତିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବ୍ୟକ୍ତି ବିଶେଷଙ୍କ ନାମ ଆଲୋଚନାକୁ ଆସିଲେ ଯୋଗେଶ କୁମାର ପ୍ରଧାନଙ୍କ ନାମ ସର୍ବାଗ୍ରେ ରହିବ । ଏଥିରେ କେହିବି ଅତ୍ୟୁକ୍ତି ହେବେନାହିଁ । ସାଙ୍ଗଠନିକ ଦୃଷ୍ଟିକୋଣରୁ ବିଚାର କଲେ ବିଗତ ପଞ୍ଚାୟତ ନିର୍ବାଚନରେ ବିଜୁ ଜନତା ଦଳ ତିନୋଟି ବ୍ଲକରୁ ଦୁଇଟି ବ୍ଲକକୁ ନିଜ କବଜାରେ ରଖିବାରେ ସଫଳ ହୋଇଥିଲା । ବିଜେଡ଼ି ହାତରେ ରିଆମାଳ ଓ ବାରକୋଟ ଥିବାବେଳେ ତିଳେଇବଣି ବିଜେପି ହାତକୁ ଆସିଥିଲା । ଯୋଗେଶଙ୍କ ପାଇଁ ବିଜେପି ଏଠାରେ ସଫଳ ହୋଇଥିଲା ।

୨୦୨୨ରେ ବ୍ଲକ ଅଧ୍ୟକ୍ଷ ପଦବୀ ଏସଟିଙ୍କ ପାଇଁ ସଂରକ୍ଷିତ ଥିବାରୁ ଯୋଗେଶଙ୍କ ଅନୁଗତ ବୃନ୍ଦାବତୀ ଭୋଇ ଅଧ୍ୟକ୍ଷ ହୋଇଥିଲେ । ତେବେ ତାଙ୍କର ଧର୍ମପତ୍ନୀ ଆରତୀ ପ୍ରଧାନ ଉପାଧ୍ୟକ୍ଷା ହୋଇଥିଲେ । ଗାଏମୋଟ୍ କହିଲେ ଯୋଗେଶ ହିଁ ପରୋକ୍ଷରେ ବ୍ଲକକୁ ହାତମୁଠାରେ ରଖିଥିଲେ । ତିଳେଇବଣି ବ୍ଲକରେ ବିଜେପିକୁ ମଜବୁତ କରିବା ନିମନ୍ତେ ସେ ବେଶ୍ ପରିଶ୍ରମ ବି କରୁଛନ୍ତି । ତିଳେଇବଣି ବ୍ଲକର ବାଡ଼ଛପାଲ, ବାଣିଆକିଳିଣ୍ଡା, ଛେପଳିପାଲି, ଢୋଲପଡ଼ା, ଡିମିରିକୁଡ଼ା, ଦୁଧିଆନାଳୀ, ଝରାଗୋଗୁଆ, କଂସର, କେରଣ୍ଡେଇଜୁରୀ,



ଲୋଇମୁରା, ପରପୋଷୀ, ସୋଡ଼ୋ, ସୁଗୁଡ଼ା, ଟାଇଁସର, ତାଳକୁଣ୍ଡି ଓ ତିଳେଇବଣି ଆଦି ୨୦ ପଞ୍ଚାୟତରେ ସଂଗଠନକୁ ମଜବୁତ କରିବାରେ ଲାଗି ପଡ଼ିଛନ୍ତି ।

ଯୋଗେଶ ପୂର୍ବରୁ ବିଭିନ୍ନ ପର୍ଯ୍ୟାୟରେ ମଣ୍ଡଳ ସଭାପତି, ଜିଲ୍ଲା ବିଜେପିର ଉପସଭାପତି ଥିବାବେଳେ ଏବେ ସମ୍ବଲପୁର ସାଂସଦ ତଥା କେନ୍ଦ୍ରମନ୍ତ୍ରୀଙ୍କ ତିଳେଇବଣି ପ୍ରତିନିଧି ଭାବେ ଦାୟିତ୍ୱ ତୁଲାଉଛନ୍ତି । ସାଙ୍ଗଠନିକ କୌଶଳ ଓ ରଣନୀତିରେ ମାହିର ଥିବା ଯୋଗେଶଙ୍କ ଉପରେ ସମସ୍ତଙ୍କ ନଜର ରହିଛି । ବ୍ଲକରେ ନିଜର କାଟତି ଓ ଦବଦବା ହେତୁ ଅନ୍ୟ ଦଳରୁ କର୍ମୀମାନଙ୍କୁ ବିଭିନ୍ନ ସମୟରେ ନିଜ ଆଡକୁ ଆଣିବାରେ ସଫଳ ହେଉଛନ୍ତି । ବିଜେପିର ପୂର୍ବତନ ବିଧାୟକ ସୁବାସ ପାଣିଗ୍ରାହୀ ଓ ବର୍ତ୍ତମାନର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ସୁସମ୍ପର୍କ ରହିଛି । ଏବେ ବିଜେପି ସରକାରକୁ ଆସିଥିବାରୁ ତାଙ୍କର କ୍ଷମତା ବି ପୂର୍ବାପେକ୍ଷା ବଢ଼ିଯାଇଛି । ଲୋକପ୍ରିୟ ନେତା ହୋଇଥିବାରୁ ଏବେ ସେ ନିଜ ବ୍ଲକ ବ୍ୟତୀତ ଅନ୍ୟ ଦୁଇଟି ବ୍ଲକକୁ ମଧ୍ୟ ଯାଇ ସଂଗଠନ ପାଇଁ ସମୟ ଦେଉଛନ୍ତି । ତେବେ ପାଞ୍ଚ ବର୍ଷ ଧରି ନିଜ ସଂଗଠନକୁ ସୁଦୃଢ କରିଥିବା ଯୋଗେଶ ଆଗାମୀ ପଞ୍ଚାୟତ ନିର୍ବାଚନରେ ନିଜ ଗଡ କେତେ ସୁରକ୍ଷିତ କରିବାରେ ସଫଳ ହେବେ ସମୟ କହିବ ।

# ମୁକ୍ତିଙ୍କ ଉପରେ କାହିଁକି ରାଗିଥିଲେ ନବୀନ?

ବିଜେପି ସହ ଯୋଗସୂତ୍ରରେ ଥିବାରୁ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ, ମୁକ୍ତିକାନ୍ତ ମଣ୍ଡଳ ଓ ତାଙ୍କ ପତ୍ନୀ ମଞ୍ଜୁଲତା ମଣ୍ଡଳଙ୍କୁ ଦଳରୁ ନିଲମ୍ବିତ କରିଥିଲେ । ଏବେ ମଣ୍ଡଳ ଦମ୍ପତ୍ତି ଦଳ ଛାଡ଼ିଦେଇଛନ୍ତି ।  ମଣ୍ଡଳ ଦମ୍ପତ୍ତିଙ୍କ ବିଜେଡ଼ି ଛାଡ଼ିବାକୁ ନେଇ ଭଦ୍ରକ ରାଜନୀତିରେ ସେମିତି ଚର୍ଚ୍ଚା ହେଉନି । କାହିଁକିନା ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ବିରୋଧ କରିନଥିଲେ ସେମାନେ କେବେଠାରୁ ବିଜେପିରେ ମିଶି ସାରନ୍ତେଣି । ଏବେ ଚର୍ଚ୍ଚା ହେଉଛି, କାହିଁକି ମୁକ୍ତିକାନ୍ତଙ୍କ ଉପରେ ନବୀନ ରାଗିଥିଲେ ? ଭଦ୍ରକ ରାଜନୀତିରେ ହେଉଥିବା ଚର୍ଚ୍ଚା ଅନୁଯାୟୀ, ଅନ୍ୟ ବିଜେଡ଼ି ନେତାଙ୍କୁ ହରାଇବା ପାଇଁ ମୁକ୍ତିକାନ୍ତ ଜୀଜାନ୍ ଲଗାଇ ଦେଉଥିଲେ । ଏମିତିକି ଧାମନଗର ଉପନିର୍ବାଚନ ବେଳେ ବି ମୁକ୍ତିକାନ୍ତଙ୍କର ଦଳଦ୍ରୋହୀ କାର୍ଯ୍ୟକୁ ନେଇ ଚର୍ଚ୍ଚା ହୋଇଥିଲା । ଅବଶ୍ୟ ପରେ ତାହା ଥମି ଯାଇଥିଲା । ସେହିପରି ମଞ୍ଜୁଲତା ସାଂସଦ ଥିବାବେଳେ ପିସି କାରବାର ଓ ଚାନ୍ଦା ଆଦାୟ ନେଇ ବିଜେଡ଼ିର କେତେକ ନେତା ନବୀନ ନିବାସରେ ଫେରାଦ୍ କରିଥିଲେ । ଯାହାକୁ ନେଇ



ନବୀନ ଓ ପାଣ୍ଡିଆନ୍ ଉଭୟ ମଣ୍ଡଳ ଦମ୍ପତ୍ତିଙ୍କ ଉପରେ କ୍ଷୁବ୍ଧ ହେବା ସହ ଚେତାବନୀ ଦେଇଥିଲେ । ସେହିପରି ଗତ ୨୦୨୪ ନିର୍ବାଚନରେ ଧାମନଗର ଓ ବାସୁଦେବପୁରରେ ବିଜେଡ଼ି ପ୍ରାର୍ଥୀଙ୍କୁ ହରାଇବା ପାଇଁ ମୁକ୍ତିକାନ୍ତ କୁଆଡ଼େ ଯୋଜନା କରିଥିଲେ ବୋଲି କେତେକ ବିଜେଡ଼ି କର୍ମୀ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା କରୁଛନ୍ତି । ଇତିମଧ୍ୟରେ ଭଦ୍ରକ ରାଜନୀତିରେ ଆଉ ଏକ ଚର୍ଚ୍ଚା ହେଉଛି । ମୁକ୍ତିକାନ୍ତ ରାଜନୀତିକ କ୍ୟାରିୟର ଭିତରେ ଅନେକ ସମ୍ପତ୍ତି ଅର୍ଜନ କରିଥିବା କୁହାଯାଉଛି । ଧାମରା ଓ ଭଦ୍ରକରେ କୋଟି କୋଟି ଟଙ୍କାର ଜମି ହେଉ ଅବା ପୁରୀ, ଭୁବନେଶ୍ୱର, ଭଦ୍ରକରେ ଘର କଥା ହେଉ । ଭି-ମାର୍ଟ ଭଳି ବଡ଼ ସଂସ୍ଥାଟେ ବି ସେ ଖୋଲିଛନ୍ତି । ମୁକ୍ତିଙ୍କ ସମ୍ପତ୍ତିକୁ ନେଇ ଭଦ୍ରକର କିଛି ନେତା ଟେରା ବି ହୋଇଯାଉଛନ୍ତି । ସେହିପରି କେତେକ ବେନାମୀ ସମ୍ପତ୍ତି ରହିଥିବା ନେଇ ଭଦ୍ରକର ରାଜନୀତିକ ଖଟିମାନଙ୍କରେ ଚର୍ଚ୍ଚା ହେଉଛି । ଏହା ସତକି ମିଛ ତାହା ମୁକ୍ତିକାନ୍ତ ହିଁ କହିପାରିବେ । ତାଙ୍କର ମତାମତ ପାଇଁ ଆମେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେବି ସମ୍ଭବପର ହୋଇପାରିନଥିଲା । ପରବର୍ତ୍ତୀ ସମୟରେ ମୁକ୍ତିକାନ୍ତ ଏହି ଖବରକୁ ନେଇ ଯଦି କିଛି ସ୍ପଷ୍ଟୀକରଣ ଦେବେ ତାହା ବି ପ୍ରକାଶ ପାଇବ । କାହିଁକିନା ଉଦ୍ଦେଶ୍ୟମୂଳକ ଭାବେ କାହାକୁ ଟାର୍ଗେଟ୍ କରି ଖବର ପରିବେଷଣରେ ଆମେ ବିଶ୍ୱାସ କରୁନାହୁଁ ।

**ମହାମୂର୍ଖ ଉବାଚ**



| ଡ଼ଃ କୁଳାଙ୍ଗାର |

# ତାତି ରାଜନୀତି

ନେତା ଯୋଉଦିନ କହିଲେ
ହବନି ଜମାରୁ ପାୱାର କଅଟ;
ଜାଣିବ ବିଜୁଳି ଗୋଦାମରେ
ଏବେ ମାଲ ହେଲାଣି ସଅଟ!
ରାଜନୀତି ବଡ଼ ହଅଟ,
ଜାଣିବ ରହିଛି ଢ଼େଏରେ
ଯାହାକୁ କହିବେ ହେଲାଣି ସଅଟ!!

ଏମିତିରେ ନେତା-ଜନତା ସମ୍ପର୍କ
କୋଇଲା ଓ ନିଆଁ ପରି;
ଜଣେ ହୁତୁହୁତୁ ଜଳିଲେ ଅପର
ସୃଷ୍ଟି ହୁଏ ଭଲ କରି!
କେବେ ମିତ୍ର କେବେ ଅରି,
କେବେ ଇଏ କେବେ ସିଏ-
ନିଆଁହୁନ୍ତି ଅପରକୁ ଦେଖିକରି!!

ବଙ୍ଗଳା ଭୋଅଟ ନିଆଁ ଡହଡହ
ଜଳୁଛି ଭୋଟିଙ୍ଗି ହାର;
କିଏ ସେ ଜିତିକି ହିଇଟି ହୋଇବ
ମୁହଁ ପୋଡିଯିବ କାର!
ଫଳାଫଳ ତାତି ଡର,
ଅଂଶୁଘାତ ଠାରୁ ଭୋଟଘାତ
ଦୁର୍ଘଟଣା ଅଟେ ଭୟଙ୍କର!!

ଚଳିବ ନାଇଁ ଚଳିବ ନାଇଁ
ଯଦି ଚଳିବ ନିଆଁ ଜଳିବ;
କହୁଥିଲେ ନେତା କରିଦେଲେ କିବା
ଜଳିକି ଆହୁରି କେତେ ବଳିବ!
ଚନ୍ଦାମୁଣ୍ଡେ ଯଦି ଅଣ୍ଡା ଢାଳିବ,
ଗରମ ଏମିତି ବିନା ଜାଳେଣିରେ
ଖାଇବାକୁ ଆମଲେଟ ମିଳିବ!!

ନେତା କେବେହେଲେ ନଥାନ୍ତି
ରାଇଜେ ପାୱାର କଟ ପକ୍ଷରେ;
ବାହାରକୁ ଆସି ମେଳ ହେଲେ
ଲୋକ ଗପିବେ ତାଙ୍କ ବି-ପକ୍ଷରେ!
ପାଣି ଢାଳି ସେଇ ଲକ୍ଷ୍ୟରେ,
ବିଜୁଳି କମ୍ପାନୀ ଗୋଇଠା ମାରନ୍ତି
ଏତେ ବଡ ତାଙ୍କ ବକ୍ଷରେ!!

ଖରାଦିନତକ ମାଗଣା ଚାଉଳ
ଯୋଗାଣ ବଅନ୍ଦ ରହୁ;
ବଦଳରେ ପ୍ରତି ଗ୍ରାମେ ଏ.ସି.ଯୁକ୍ତ
ହଅଲ ବ୍ୟବସ୍ଥା ହଉ!
ମଣିଷ ଶାନ୍ତିରେ ଶୋଉ,
ତା ଭିତର ତାତି କମିଗଲେ
ଆଉ ହେବନାଇଁ ହାଉହାଉ!!

ରାଘବ ଚଡ୍ଢାଙ୍କ ଭାଷଣ ଆଗରୁ
ଥିଲା ତ ଗରମା ଗରମ;
ଏବେ ସାଙ୍ଗସାଥି ଧରି ସେ କରିଲେ
ଝାମୁଚଲା ପରି କରମ!
ମହାମୂର୍ଖ ଖୋଜେ ମରମ,
ନେତାପଛ ଛାଡି ଗଛବୃଛ ଧର
ନହେଲେ ପୋଡିକି ମର-ମା!!

ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA

# କୁଆଡ଼େ ଯିବେ ଶଶୀ ?

ସିମୁଳିଆର ଜଣେ ଜଣାଶୁଣା ଚେହେରା ହେଉଛନ୍ତି ଶଶୀ କୁମାର ସାହୁ । ୨୦୧୪ରେ ସେ ବିଜେପି ଟିକେଟରେ ସିମୁଳିଆରୁ ଲଢ଼ି ପରାଜୟ ବରଣ କରିଥିଲେ । ପରେ ସେ ବିଜେଡ଼ିରେ ଯୋଗଦେବା ପରେ ନିଜର ଦବଦବା ଜାହିର କରିଥିଲେ । ୨୦୨୪ରେ ପତ୍ନୀ ସୁବାସିନୀ ସାହୁଙ୍କ ପାଇଁ ଟିକେଟ୍ ଆଣିବାରେ ସଫଳ ହୋଇଥିଲେ । କିନ୍ତୁ ଜ୍ୟୋତି ପାଣିଗ୍ରାହୀ ଟେର କାଟିଦେବାରୁ ଶଶୀ-ସୁବାସିନୀଙ୍କ କ୍ଷମତା ଆଶା ଅଧାରେ ହିଁ ରହି ଯାଇଥିଲା । ସେପଟେ ଜ୍ୟୋତିଙ୍କ ସହ ସୁକାନ୍ତ ନାୟକ ଏକାଠି ହୋଇ ତାଙ୍କୁ ଉଡ଼ା ଚଢ଼େଇ ବୋଲି କହି ଟାହିଟାପରା ବି କରିଥିଲେ । ଏନେଇ ଶଶୀ ନବୀନ ନିବାସ ଯାଇ ଫେରାଦ ହୋଇଥିଲେବି କିଛି ଲାଭ ହୋଇନଥିଲା । ଆଶା କରାଯାଉଥିଲା ଶଶୀଙ୍କ କଥା ଶୁଣି ନବୀନ ବାବୁ କିଛି ପଦକ୍ଷେପ ନେବେ । ହେଲେ ଶଶୀଙ୍କୁ ନିଲମ୍ବନ କରିବା ଘଟଣା ସମସ୍ତଙ୍କୁ ଚକିତ କରିଦେଇଥିଲା । ତେବେ ବିଜେଡ଼ି ଅଳିନ୍ଦରୁ ମିଳିଥିବା ସୂଚନା ଅନୁଯାୟୀ, ବାଲେଶ୍ୱରର ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କ ସହ ଶଶୀଙ୍କର ଭଲ ସମ୍ପର୍କ ରହିଥିଲା । ରବୀନ୍ଦ୍ରଙ୍କୁ ଦଳ କୋଣଠେସା କରିଥିବାରୁ ଶଶୀଙ୍କ ସହ ତାଙ୍କର ନିଘନ ସମ୍ପର୍କ ଥିବାରୁ ସେ ବି ସ୍କାନରରେ ରହିଥିଲେ । ରବୀନ୍ଦ୍ର ଓ ଜ୍ୟୋତିଙ୍କ ବିବାଦ ଯୋଗୁଁ ବାଲେଶ୍ୱର ବିଜେଡ଼ି ଜିଲ୍ଲା ସଭାପତି ବି ସ୍ଥିର ହୋଇପାରିନଥିଲା । ଶଶୀ-ରବୀନ୍ଦ୍ର ବହୁ ପୂର୍ବରୁ ଗୋଟି ଚଳାଉଥିବା କଥା ରାଜ୍ୟସଭା ନିର୍ବାଚନ ବେଳେ ସ୍ପଷ୍ଟ ହୋଇଯାଇଥିଲା । ରାଜ୍ୟସଭା ନିର୍ବାଚନ ବେଳେ ଉଭୟଙ୍କୁ ଦିଲ୍ଲୀପ ରାୟଙ୍କ ପାଖରେ ଦେଖିବାକୁ ମିଳିଥିଲା । ଏବେ ପ୍ରଶ୍ନ ଉଠୁଛି, ଶଶୀ ଯିବେ କୁଆଡ଼େ ? ସେ ବିଜେପିରେ ମିଶିବେ ନା ସାମୟିକ ସମୟ ପାଇଁ ଓଡ଼ିଶା ନାଗରିକ ମଞ୍ଚ ଛତା ତଳେ ଆଶ୍ରୟ ନେବେ । ବାଲେଶ୍ୱରର ଅନେକ ବିଜେପି ନେତା ଶଶୀ-ରବୀନ୍ଦ୍ରଙ୍କୁ ବିରୋଧ କରୁଥିବା ଦେଖିବାକୁ ମିଳୁଛି । ତେବେ ରବୀନ୍ଦ୍ର ବିଜେପିରେ ସାମିଲ୍ ହୋଇଥିବାରୁ ଶଶୀଙ୍କ ପାଇଁ ବି ସେ ବାଟ ବାହାର କରିପାରନ୍ତି । ଏମିତିବି ପୂର୍ବରୁ ଶଶୀ ମଧ୍ୟ ବିଜେପିରେ ଲଢୁଥିଲେ । ହେଲେ ସିମୁଳିଆରେ ହେଭିୱେଟ୍ ପଦ୍ମଲୋଚନ ପଣ୍ଡା ଥିବାରୁ ଶଶୀଙ୍କ ରାଜନୀତିକ ଆଶା ବିଜେପିରେ ପୂରଣ ହେବାଭଳି ମନେହେଉନାହିଁ ।



# ହରି ଭାଇ ହାରିଲେ...

ଆଜ୍ଞା ଓଡ଼ିଆରେ 'ହରି ଭାଇ ହାରେନା' ବୋଲି ସିନେମାଟେ ଥିଲା । ଏବେ ସେଇ ନାଁରେ ଆଉ ଏକ ନୂଆ ସିନେମା ଆସିବ ବୋଲି ଚର୍ଚ୍ଚା ଜୋର ଧରିଛି । ସିନେମାର ନାଁ 'ହରି ଭାଇ ହାରିଗଲେ' ରହିବ ବୋଲି ଲୋକେ କୁହାକୁହି ହେଉଛନ୍ତି । ଆଜ୍ଞା କଥାଟା କ'ଣକି, କମେଡ଼ିଆନରୁ ପ୍ରଯୋଜନା କ୍ଷେତ୍ରରେ ପାଦ ଦେଇଛନ୍ତି ହରିହର ମହାପାତ୍ର । ସିନେମା ହିଟ୍ ହେଉକି ନହେଉ, ସେ କିନ୍ତୁ ନିଜେ ପ୍ରଯୋଜକ ଓ ହିରୋ ବି ସାଜୁଛନ୍ତି । ବିଜେଡ଼ିକୁ ପପୁ ପମପମ ଗଲା ପରେ ହରିଭାଇ ବି ରାଜନୀତି କରିବାକୁ ବିଜେପିକୁ ପଳାଇ ଆସିଲେ । ବିଜେପିର ଅନେକ ପ୍ରମୋସନାଲ ଭିଡ଼ିଓ କାମ ବି ତାଙ୍କୁ ମିଳିଗଲା । ଟିକେଟ୍ ସିନା ପାଇଲେନି ହେଲେ ଆର୍ଥିକ କ୍ଷେତ୍ରରେ ଢେର ଲାଭ ପାଇଲେ । ଏବେ ତାଙ୍କର ଏକ ପୁରୁଣା ଭିଡ଼ିଓ ଭାଇରାଲ୍ ହେଉଛି । ପାଣ୍ଡିଆନ୍ କୁଆଡ଼େ ରତ୍ନଭଣ୍ଡାର ଚାବି ନେଇ ପଳାଇଛନ୍ତି । ଜଗା ସିନ୍ଧୁକରେ ରତ୍ନ ଅଳଙ୍କାର ଅଛି କି ନାହିଁ ତାଙ୍କର ବି ସନ୍ଦେହ ରହିଥିଲା । ସେଇ ଚାବି ନଦେଲେ ସେ କୁଆଡ଼େ ତାଙ୍କୁ ତାମିଲନାଡୁ ଯିବାକୁ ଦେବେନି ବୋଲି ରଡ଼ି କରୁଥିଲେ । ଏବେ ରତ୍ନଭଣ୍ଡାରରେ ସବୁ କିଛି ଠିକ୍‌ଠାକ ଅଛି, ପୂର୍ବରୁ ଯେତିକି ଥିଲା, ଏବେବି ସେତିକି ରହିଛି । କିଛି ବି ଅମେଳକ ହୋଇନି । ଏଇକଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିବା ପରେ ସାମାଜିକ ଗଣମାଧ୍ୟମ ଉଠୁଛି ପଡୁଛି । ବିଜେପିର ବଡ଼ ବଡ଼ ନେତାଙ୍କ ଭାଷଣ ସହ ହରିଙ୍କ ବାକସ୍ଫୋଟ ବି ବେଶୀ ଭାଇରାଲ୍ ହେଉଛି । ସେ କୁଆଡ଼େ ଗଲେ ବୋଲି ସମସ୍ତେ ତାଙ୍କୁ ଖୋଜୁଛନ୍ତି, ହେଲେ କେହି ପାଉନାହାନ୍ତି । ସେଥିପାଇଁ କୁହାଯାଉଛି, ହରିଭାଇ ହାରିଗଲେ... ।






Printed & Published by BALARAM RANASINGH on behalf of BALARAM RANASINGH, Printed at Mayur Offset Printers Plot No D 1/1, Sec-A, Zone-D, Mancheswar Industrial Estate Bhubaneswar-751010, Khordha, Odisha and published at AT- MANITRI, PO- GARHMANATIR, BEGUNIA, DIST-KHORDHA, ODISHA, e-mail: garvitodia@gmail.com, +91-9040988908

Editor: BALARAM RANASINGH
Bureau Head: BHABANI PRASAD DAS